ଧରିତ୍ରୀ
DHARITRI
January 30-February 5, 2022 ₹2/-

ଛୁଟିଦିନ

# ନିଜ ଦୁନିଆର ରାଜା

ସମାଜରେ ସେମାନେ ପରିଚିତ ବାମନଭାବେ। ଭିନ୍ନ ଦୃଷ୍ଟିର ଚାହାଣି ସହ ଅନେକ ସମୟରେ ତାଚ୍ଛଲ୍ୟଭରା ହସ ସତେ ଯେମିତି ତାଙ୍କ ଜୀବନର ଏକ ଅଂଶ। ହେଲେ ଏସବୁକୁ ଆଡ଼େଇ ସେମାନେ ଆଗକୁ ବଢ଼ିଛନ୍ତି। ନିଜ ଜୀବନର ନିୟମ ନିଜେ ଗଢ଼ିଛନ୍ତି, ନିଜ ହିସାବରେ ଜିଇଛନ୍ତି। ଆଉ ପ୍ରମାଣ କରିଦେଇଛନ୍ତି ଯେ, ଆକାରରେ ଛୋଟ ହେଲେ ବି କାମରେ ସେମାନେ ବଡ଼, କାହାଠାରୁ କମ୍ ନୁହନ୍ତି...



୩ ପ୍ରଚ୍ଛଦ ପ୍ରସଙ୍ଗ

## ସୁଖି ଦାମ୍ପତ୍ୟ ପାଇଁ ବାସ୍ତୁ

ବିବାହ ପରେ ଅନେକ ସମୟରେ ଦେଖାଯାଏ, ପତ୍ନୀପତିଙ୍କ ଭିତରେ ଛୋଟ ଛୋଟ କଥାକୁ ନେଇ କଥା କଟାକଟି ହୋଇଥାଏ। ଏପରିକି ସମ୍ପର୍କରେ ଧୀରେ ଧୀରେ ତିକ୍ତତା ବୃଦ୍ଧି ପାଇ ଦାମ୍ପତ୍ୟ ଜୀବନରେ ଦୁଃଖ ଭରିଯାଏ। ଆଉ ଏସବୁ ପଛରେ ବି ବାସ୍ତୁଦୋଷର ଅନେକ ଭୂମିକା ରହିଥାଏ ବୋଲି ବିଶ୍ୱାସ କରାଯାଏ। ଯେମିତିକି:

*ବାସ୍ତୁଶାସ୍ତ୍ର ଅନୁଯାୟୀ, ସୁଖୀ ଦାମ୍ପତ୍ୟ ପାଇଁ ପତ୍ନୀପତିଙ୍କର ଶୋଇବାଘର ଉତ୍ତର-ପଶ୍ଚିମ ଦିଗରେ ରହିବା ଦରକାର। ଯଦ୍ୱାରା ସମ୍ପର୍କରେ ନିବିଡ଼ତା ବୃଦ୍ଧିପାଇଥାଏ।

*ସମ୍ପର୍କରେ ତିକ୍ତତା ଦୂର କରିବାକୁ



ଚାହୁଁଥିଲେ, ପତ୍ନୀପତି ନିଜ ଶୋଇବାଘରର କାନ୍ଥରେ ହାଲ୍‌କା ରଙ୍ଗର ପ୍ରୟୋଗ କରିବା ସହ ରୁମ୍‌ରେ ତାଜା ଫୁଲ ରଖିଲେ ଶୁଭଫଳ ମିଳିଥାଏ।

*ପତ୍ନୀଙ୍କୁ ଖଟର ବାମ ପଟେ ଏବଂ ପତିଙ୍କୁ ଖଟର ଡାହାଣ ପଟେ ଶୋଇବା ଦରକାର। ଏହାଦ୍ୱାରା ସମ୍ପର୍କରେ ଭଲ ପାଇବା ବଢିଥାଏ।

*ପତ୍ନୀପତି ଚାହିଁଲେ ଶୋଇବାଘରେ ଯୋଡ଼ା ହଂସର ଫଟୋ ଲଗାଇପାରିବେ। ଏହାଦ୍ୱାରା ସମ୍ପର୍କ ନିବିଡ଼ ହେବା ସହ ରୁମ୍‌ରେ ସକାରାତ୍ମକ ଉର୍ଜା ବୃଦ୍ଧି ପାଇଥାଏ।

*ପତ୍ନୀପତିଙ୍କୁ ସର୍ବଦା କାଠ ଖଟରେ ଶୋଇବା ଦରକାର। କାରଣ ଅନ୍ୟ କୌଣସି ଧାତୁରେ ତିଆରି ଖଟ ତୁଳନାରେ ଏହାର ପ୍ରଭାବ ଦାମ୍ପତ୍ୟ ଜୀବନ ଉପରେ ଭଲ ପଡିଥାଏ।

*ଦମ୍ପତିଙ୍କୁ ସର୍ବଦା ଦକ୍ଷିଣ ଦିଗକୁ ମୁଣ୍ଡ ଏବଂ ଉତ୍ତର ଦିଗକୁ ଗୋଡ଼ କରି ଶୋଇବା ଦରକାର। ଏହାଦ୍ୱାରା ଶରୀର ଭଲ ରହିବା ସହ ସମ୍ପର୍କ ନିବିଡ଼ ହୋଇଥାଏ।

*ଏସବୁ ପରେ ବି ସୁଖୀ ଦାମ୍ପତ୍ୟ ପାଇଁ ପତ୍ନୀପତିଙ୍କ ଭିତରେ ବିଶ୍ୱାସ ଓ ଉତ୍ତମ ବୁଝାମଣା ରହିବା ନିହାତି ଜରୁରୀ ବୋଲି ବାସ୍ତୁବିତ୍‌ମାନେ ମତ ଦେଇଥାନ୍ତି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁଆରୀ ୩୦-ଫେବୃଆରୀ ୫

**ମେଷ:** ପ୍ରତ୍ୟେକ କାମରେ ସଫଳତା, କାର୍ଯ୍ୟସାଧନ କରିବେ, ମିତ୍ରତାବୃଦ୍ଧି ଘଟିବ, ମୂଲ୍ୟବାନ ଦ୍ରବ୍ୟ ଲାଭ, ସାମୟିକଖୁସୀ ରହିବେ, ଗୃହସୀମାକୁ ନେଇ ବିବାଦ, ଭ୍ରମଣ ପାଇଁ ସୁଯୋଗ, ରାଜନୀତିରେ ବିବାଦ।

**ବୃଷ:** ସମସ୍ୟାର ସରଳ ସମାଧାନ, ମୂଲ୍ୟବାନ ଦ୍ରବ୍ୟ ଲାଭ, ନୂତନ କର୍ମାରମ୍ଭ, ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ସମସ୍ୟା, ପାଖପଡ଼ୋଶୀଙ୍କ ଆଘାତ, ବ୍ୟସ୍ତତା ବୃଦ୍ଧି ପାଇବ, ବ୍ୟବସାୟିକ ଉନ୍ନତି।

**ମିଥୁନ:** କର୍ମକ୍ଷେତ୍ରରେ ସମ୍ମାନ, ଉନ୍ନତମାନର ଫଳ, ନୂତନଦାୟିତ୍ୱ ନେବେ, ସମ୍ପର୍କୀୟଙ୍କ ସହ ମିତ୍ରତା, ବସ୍ତ୍ରଭୂଷଣ ପ୍ରାପ୍ତି, ସୁଖଭ୍ରମଣ ପ୍ରାପ୍ତି, ଗୃହରେ କଳହ ସୃଷ୍ଟି, ବନ୍ଧୁ କ୍ଷୁବ୍ଧ ହେବେ, ଶାରୀରିକ ଅସୁସ୍ଥି, ମାନସିକ ସ୍ଥିରତା ରହିବନି, ଯାତ୍ରା ସଫଳ ହେବ।

**କର୍କଟ:** ସମାଲୋଚିତ ହେବେ, ନିଜ ଭୁଲ୍ ସୁଧାରିବେ, ମନ ମାରି ରହିପାରିବେ, ଧାରକରଜ କରିବେ, କୃତକାର୍ଯ୍ୟ ହେବେ, ଦୂରଯାତ୍ରା କରିପାରନ୍ତି, ମାଙ୍ଗଳିକ କାମ, ଶାନ୍ତି ଓ ସ୍ଥିରତା ଫେରିବ, ଛୋଟବଡ଼ ସମସ୍ୟା ଆସିବ, ମିତ୍ରଲାଭ ହୋଇପାରେ।

**ସିଂହ:** ସ୍ୱାସ୍ଥ୍ୟରେ ଉନ୍ନତି, ବନ୍ଧୁ ସମ୍ପର୍କରେ ଉନ୍ନତି, କଳାପ୍ରିୟ ହେବେ, ଅତିଥି ଚର୍ଚ୍ଚା, କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ, ଅର୍ଥ ଲାଭ ଅବଶ୍ୟମ୍ଭାବୀ, ଭୁଲ ବୁଝାମଣା, ପାରିବାରିକ ତିକ୍ତତା, ହତାଶାବୋଧ କରିପାରନ୍ତି, ସମ୍ମାନିତ ହେବେ, ଆଶା ପୂରଣ ହେବ, ବନ୍ଧୁ ସାହାଯ୍ୟ କରିବେ।

**କନ୍ୟା:** ବନ୍ଧୁଙ୍କ ସଦ୍‌ଭାବ, ଯାତ୍ରାରେ ସଫଳତା, ଅଧିକ ଧନ ପାଇବେ, କାମ ଅଟକିବ ନାହିଁ, ଅଧ୍ୟାପନାରେ ଉନ୍ନତି କରିବେ, ଦୁର୍ଭାବନା ବଢ଼ିଚାଲିବ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି, ଦୂରଯାତ୍ରା, ଅସହଯୋଗ।

**ତୁଳା:** ସ୍ୱାସ୍ଥ୍ୟ ଭଲ ରହିବ,ନୂତନ କାର୍ଯ୍ୟାରମ୍ଭ, ମାନସିକ ସ୍ଥିତି ଠିକ୍ ରହିବ, ଦ୍ୱନ୍ଦ୍ୱର ଅବସାନ ଘଟିବ, ବ୍ୟବସାୟ ସଫଳତା, ଲୋକ ସମ୍ପର୍କବୃଦ୍ଧି, ଆଲୋଚନା ସଫଳ ହେବ, ଲାଭବାନ ହେବେ, ବିତର୍କ ସୃଷ୍ଟି ହେବ, ବନ୍ଧୁଙ୍କ ଅସହଯୋଗ।

**ବିଛା:** ଅର୍ଥ ଓ ସମ୍ମାନ ଲାଭ, ଆତ୍ମୀୟଙ୍କ ଅନାଦର ଭାବ, ପାରିବାରିକ କଳହ, ସୁଯୋଗ ହାତଛଡ଼ା ହୋଇପାରେ, ବ୍ୟୟ ଅଧିକ ହୋଇପାରେ, ପଦମର୍ଯ୍ୟାଦା ବୃଦ୍ଧି, ଯାତ୍ରାରେ ସଫଳତା, ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ।

**ଧନୁ:** ଯାତ୍ରା ଶୁଭହେବ, କର୍ମକ୍ଷେତ୍ରରେ ଉନ୍ନତି, ଯୋଜନାବଦ୍ଧ କାମ, ବନ୍ଧୁ ସାହାଯ୍ୟ, ଭ୍ରମଣ ଓ କାର୍ଯ୍ୟସିଦ୍ଧି, ସମସ୍ୟାକୁ ସୁଧାରି ନେବେ, ମନଟା ବିଗିଡି ଯାଇପାରେ, ସ୍ତ୍ରୀଙ୍କ ଅଭିଯୋଗ, ଟେନସନ୍ ବଢ଼ିପିବ, ଠକାମିରେ ପଡ଼ିପାରନ୍ତି।

**ମକର:** କ୍ରୋଧ ପ୍ରକାଶ କରିପାରନ୍ତି, ପ୍ରତାରଣାରେ ଫଶିଯିବେ, ଭ୍ରମଣରେ କଳହ, ରାଜନୀତିରେ ବିବାଦ, ପ୍ରଶାସନ ପାଇଁ ଭଲ, ଅପମାନିତ ହୋଇପାରନ୍ତି, ମନ ବିବ୍ରତ ରହିପାରେ, ପରିବହନରେ ଝଗଡ଼ା ଲାଗିପାରେ।

**କୁମ୍ଭ:** ବିବାଦରେ ପଶକୁନି, ପ୍ରତୀକ୍ଷିତ ଖବରଟି ପାଇବେ, ଡାକ୍ତରଙ୍କ ପରାମର୍ଶ ପାଇବେ, ନୂତନ କାର୍ଯ୍ୟାରମ୍ଭ, ସମ୍ମାନିତ ହେବେ, ସମସ୍ୟାର ସମାଧାନ, କଳାତ୍ମକ ଦିଗରୁ ପ୍ରଶଂସା। ରାଜନୀତି, ଗବେଷଣା, ଅନୁସନ୍ଧାନାଦି କାମରେ ସଫଳତା ମିଳିବ।

**ମୀନ:** କାର୍ଯ୍ୟସିଦ୍ଧି, ଆର୍ଥିକ ଅନଟନ, ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା, ବିପଦ ମୁକ୍ତ ହେବେ, ଖୁସିରେ ଦିନ କାଟିବେ, ସତ କହି ବିରୋଧୀ ହୋଇପାରନ୍ତି, ଶିକ୍ଷା ଓ ପରୀକ୍ଷାରେ ସଫଳତା, ବକେୟା ଅର୍ଥଲାଭ, ଜମିଜମା କାରବାରରେ ଉନ୍ନତି।

## ହଳଦୀ ମିଶା କ୍ଷୀରର ଉପକାରିତା

ହଳଦୀ ନିଜର ଆଣ୍ଟିସେପ୍ଟିକ୍ ଓ ଆଣ୍ଟିବାୟୋଟିକ୍ ଗୁଣ ପାଇଁ ପରିଚିତ। ସେହିପରି କ୍ଷୀରରେ ଥାଏ ପ୍ରଚୁର ପ୍ରୋଟିନ୍, ଭିଟାମିନ୍ ଓ କ୍ୟାଲ୍‌ସିୟମ୍, ଯାହା ଆମ ଶରୀର ପାଇଁ ଅମୃତତୁଲ୍ୟ। ଯେବେ ଏହି ଦୁଇଟି ଜିନିଷ ମିଶିଯାଏ, ଏହା ଶରୀର ପାଇଁ କେତେ ଉପକାରୀ ସାବ୍ୟସ୍ତ ହୋଇଥାଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ...

*ଯଦି ଶରୀରର କୌଣସି ଅଂଶ ଖଣ୍ଡିଆ ହୋଇଯାଏ, ସାଙ୍ଗେସାଙ୍ଗେ ହଳଦୀ ମିଶା ଉଷୁମ କ୍ଷୀର ପିଇଲେ ଆରାମ ଲାଗିଥାଏ। ଏହା ଖଣ୍ଡିଆକୁ ଶୀଘ୍ର ଶୁଖିବାରେ ସାହାଯ୍ୟ କରିଥାଏ। *ଦେହହାତ ଦରଜ ହେଉଥିଲେ କିମ୍ବା ରାତିରେ ନିଦ ହେଉ ନଥିଲେ ଶୋଇବାର ଅଧ ଘଣ୍ଟା ପୂର୍ବରୁ ହଳଦୀ ମିଶା ଉଷୁମ କ୍ଷୀର ପିଇଲେ ନିଦ ଭଲ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। *କୁହାଯାଏ, ନିୟମିତ କ୍ଷୀର ପିଇଲେ ତ୍ୱଚାରେ ପ୍ରାକୃତିକ ଚମକ୍ ଆସିଥାଏ। ଆଉ ଯଦି କ୍ଷୀରରେ ସାମାନ୍ୟ ହଳଦୀ ମିଶାଇ ନିୟମିତ ପିଆଯାଏ, ତା'ହେଲେ ତ୍ୱଚା ଜନିତ ସମସ୍ୟା ଯଥା: ଇନ୍‌ଫେକ୍ସନ୍, ତ୍ୱଚା କୁଣ୍ଡାଇହେବା, ବ୍ରଣ ଆଦି ସମସ୍ୟା ଧୀରେ ଧୀରେ ଠିକ୍ ହୋଇଯାଏ। ଯଦ୍ୱାରା ତ୍ୱଚା ସଫା, ସୁସ୍ଥ ଆଉ ଚମତ୍କାର ଦେଖାଯାଇଥାଏ। *କ୍ଷୀରରେ କ୍ୟାଲ୍‌ସିୟମ୍ ରହୁଥିବାରୁ ଏହା ଅସ୍ଥିକୁ ମଜଭୁତ୍ କରିଥାଏ। ହଳଦୀ ମିଶା କ୍ଷୀର ପିଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବି ବୃଦ୍ଧି ପାଇଥାଏ।



## ପାଠକୀୟ

*ଫ୍ୟାଶନରେ କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ। ପ୍ରତ୍ୟେକଙ୍କ ରୁଚି ଏଥିରେ ପ୍ରତ୍ୟେକଙ୍କୁ ସ୍ୱତନ୍ତ୍ର କରେ। ଏହି କ୍ରମରେ କେତେକ ପୁରୁଷ ନିଜ ପରିଧାନରେ ଶାଢ଼ିକୁ ଆପଣେଇ ତିଆରି କରିଛନ୍ତି ତାଙ୍କର ନିଜସ୍ୱ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ। ତେଣୁ ଶାଢ଼ିକୁ ଭଲ ପାଉଥିବା ସେମିତି କିଛି ପୁରୁଷଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଶାଢ଼ି @ ପୁରୁଷ' ଏକ ନିଆରା ଆଲେଖ୍ୟ ଥିଲା। 'ଦର୍ପଣକୁ କିପରି ରଖିଲେ ମିଳିଥାଏ ଶୁଭଫଳ' ଏବଂ 'ଶରୀର ପାଇଁ କେତେ ଜରୁରୀ ସୂର୍ଯ୍ୟକିରଣ' ଆଦି ପାଠଗୁଡ଼ିକରୁ ଅନେକ କଥା ଶିଖିହେଲା।

**–ଭବାନୀ ସାହୁ, ପୋଖରୀପୁଟ, ଭୁବନେଶ୍ୱର**

*ପ୍ରତ୍ୟେକେ ନିଜସ୍ୱ ରୁଚି ଅନୁଯାୟୀ ତିଆରି କରନ୍ତି ନିଜର ଫ୍ୟାଶନ ଫଣ୍ଡା। ଯେଉଁ କ୍ରମରେ କେତେଜଣ ପୁରୁଷ ଶାଢ଼ିକୁ ଆପଣେଇ ଫ୍ୟାଶନ ଦୁନିଆରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି। ତେଣୁ ଶାଢ଼ିପ୍ରିୟ କେତେଜଣ ପୁରୁଷଙ୍କ ସମ୍ପର୍କରେ ଏଥରର ପ୍ରଚ୍ଛଦ ପ୍ରସଙ୍ଗରୁ ପଢି ଖୁସି ଲାଗିଲା। ସେହିପରି ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଜିନ୍ସ ଶାଢ଼ି ଫ୍ୟାଶନ' ସମ୍ପର୍କରେ ବି ବହୁ ଅଜଣା କଥା ଜାଣିବାକୁ ମିଳିଲା। **–ମୋନାଲି ବାରିକ, କଣ୍ଟିଲୋ, ନୟାଗଡ଼**

*ଏଥରର ବ୍ୟକ୍ତିତ୍ୱ ପୃଷ୍ଠାରୁ ପକ୍ଷୀପ୍ରେମୀ ନନ୍ଦ କିଶୋରଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଶୀତ' ଓ 'କାଞ୍ଚ ଅଭିଯାନ' ନାମକ କବିତା ଏବଂ 'ସୂଚନା' ନାମକ ଗପଟି ଖୁବ୍ ମନଛୁଆଁ ହୋଇପାରିଥିଲା। ସେହିପରି ସିନେମା ପୃଷ୍ଠାରେ ସ୍ଥାନିତ ଆଲିୟାଙ୍କ ବ୍ରାଇଡାଲ୍ ଗେଟ୍‌ଅପ୍‌ର ଫଟୋଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। ଅନ୍ୟପକ୍ଷେ କବି, ସ୍ତମ୍ଭକାର ତଥା ଉନ୍ନୟନମୁଖୀ ଯୋଗାଯୋଗ ପେସାଦାର ପରଂବ୍ରହ୍ମ ତ୍ରିପାଠୀଙ୍କ ରୋଜଗାର ସମ୍ପର୍କିତ ଲେଖାଟି ଖୁବ୍ ହୃଦୟସ୍ପର୍ଶୀ ଥିଲା। **–ଆକାଂକ୍ଷା ମହାନ୍ତି, ଓଳାଭର, କେନ୍ଦ୍ରାପଡ଼ା**

*'ଧାନ କଳାକୃତି' ଏବଂ 'ବୁଲା ଜୀବଜନ୍ତୁଙ୍କ ମା'' ନାମକ ପାଠଦୁଇଟି ବି ବେଶ୍ ତଥ୍ୟପୂର୍ଣ୍ଣ ତଥା ଶିକ୍ଷଣୀୟ ଥିଲା। ମଡେଲ୍ ମିରର୍‌ରେ ସ୍ୱିସ୍ତା ଖୁବ୍ ଷ୍ଟାଇଲିଶ୍ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ କଳା ସଂସ୍କୃତିର ସହର କଡପା ବିଷୟରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବିବିଧା ପୃଷ୍ଠାରୁ 'ବାର୍ବି ଡଲ୍‌ର ପୌରାଣିକ ଲୁକ୍' ଦେଖି ଖୁସି ଲାଗିଲା।

**–ସରସ୍ୱତୀ ନାୟକ, କୁଜଙ୍ଗ, ଜଗତ୍‌ସିଂହପୁର**

*ଏଥରର ବ୍ୟଙ୍ଗ 'ଅପରେଶନ ସକ୍‌ସେସ୍‌ଫୁଲ୍ ବଟ୍ ପେସେଣ୍ଟ ଡେଡ୍' ନାମକ ଆଲେଖ୍ୟଟି ଏକ ଶିକ୍ଷଣୀୟ ବିଷୟ ଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଉଡାଜାହାଜ ଗାଁ' ଏବଂ 'ଜିଭରେ ଉଠାଇଲେ ୧୨.୫ କି.ଗ୍ରା', 'ବସ୍-ଟ୍ରେନ୍' ଆଦି ପାଠଗୁଡ଼ିକ ଖୁବ୍ ଆଶ୍ଚର୍ଯ୍ୟକର ଥିଲା।

**–ରାହାସ ବିହାରୀ ପଟ୍ଟନାୟକ, ବାଲେଶ୍ୱର**

### ବିଶେଷ ଚିଠି



ଛୁଟିଦିନ ଆହେ ଛୁଟିଦିନ
ଧରିତ୍ରୀର ତୁମେ ଗେହ୍ଲାଧନ।
ପ୍ରଚ୍ଛଦ ତୁମର କରେ କିମିଆ
ସାଥୀ ଜଳାଏ ମନରେ ନିଆଁ।
ପୁଣି ନିଆରା ତୁମ ସିନେମା
ପାସୋରି ହୁଏନା ମନରୁ ଜମା।
ସହର ଶିଖାଏ ଅନେକ କଥା
ବିବିଧା ଦେଖାଏ ନିଆରା ରାସ୍ତା।
ସତରେ ଛୁଟିଦିନ ତୁମେ ବଢ଼ିଆ
ସର୍ବଦା ଏମିତି ଆସୁଥାଆ।

**–ଅକ୍ଷୟ ମହାନ୍ତି,**
**ପ୍ରାଚୀ ବିହାର, ଭୁବନେଶ୍ୱର**

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ନିଜ ଦୁନିଆର ରାଜା

**ସମାଜରେ ସେମାନେ ପରିଚିତ ବାମନଭାବେ। ଭିନ୍ନ ଦୃଷ୍ଟିର ଚାହାଣି ସହ ଅନେକ ସମୟରେ ତାଚ୍ଛଲ୍ୟଭରା ହସ ସତେ ଯେମିତି ତାଙ୍କ ଜୀବନର ଏକ ଅଂଶ। ହେଲେ ଏସବୁକୁ ଆଡ଼େଇ ସେମାନେ ଆଗକୁ ବଢ଼ିଛନ୍ତି। ନିଜ ଜୀବନର ନିୟମ ନିଜେ ଗଢ଼ିଛନ୍ତି, ନିଜ ହିସାବରେ ଜିଇଛନ୍ତି। ଆଉ ପ୍ରମାଣ କରିଦେଇଛନ୍ତି ଯେ, ଆକାରରେ ଛୋଟ ହେଲେ ବି କାମରେ ସେମାନେ ବଡ଼, କାହାଠାରୁ କମ୍ ନୁହନ୍ତି...**



**କଳାକାର କେବେ ନିଜ ଦୁଃଖ ପ୍ରକାଶ କରେନା: ସୁମନ ମହାରଣା, ହାସ୍ୟାଭିନେତା**

ସମସ୍ତଙ୍କ ଜୀବନରେ ସଂଘର୍ଷ ଥାଏ। ମୁଁ ବି ସଂଘର୍ଷ କରିଛି। ତେବେ ମୋ ଶରୀରକୁ ନେଇ ଲୋକେ ଅନେକ ସମୟରେ କରୁଥିବା ଥଟ୍ଟା ପରିହାସ ସେଇ ସଂଘର୍ଷକୁ ଅଧିକ କଷ୍ଟକର କରିଦେଉଥିଲା। ହେଲେ କାହାରି କଥାରେ ମୁଁ ଭାଙ୍ଗି ପଡିନି କି ଅଟକି ଯାଇନି। କାହାକୁ ପ୍ରତି ଉତ୍ତର ଦେବାକୁ ବି ଚାହିଁନି। କାରଣ ମୁଁ ଭାବେ ଭଗବାନ ଯାହାକୁ ଯେମିତି ଗଢ଼ିବା କଥା ଗଢ଼ିଛନ୍ତି। ତାକୁ ନେଇ ପ୍ରତିକ୍ରିୟା ପ୍ରକାଶ କଲେ କି ରାଗିଲେ ସ୍ଥିତି ବଦଳି ଯିବନି। ମୁଁ ମୋ ସ୍ଥିତିକୁ ନେଇ ଜିଇବା ଶିଖିଯାଇଛି। ଛୋଟବେଳେ ଆମ ଘରର ଆର୍ଥିକସ୍ଥିତି ଏତେଟା ଭଲ ନ ଥିଲା। ବାପା ସେଣ୍ଟ୍ରାଲ ୱାଟର କମିଶନ୍‌ରେ ପିଅନ ଥିଲେ। ବାପାମା' ଦୁହେଁ ଆଉ ନାହାନ୍ତି। ଆମେ ତିନି ଭାଇ ତିନି ଭଉଣୀ। ମୁଁ ଓ ମୋ ସାନ ଭଉଣୀ ମିନତି ଘରେ କମ୍ ଉଚ୍ଚତାର। ଆମ ଗାଁ ଖୋର୍ଦ୍ଧା ଜିଲା, ଚିଲିକା ବ୍ଲକର ବିରିବାଡ଼ି। ଘରେ ଲାଇନ ନ ଥିଲା। ଡିବି ଆଲୁଅରେ ଚଳୁଥିଲୁ। ମୁଁ ମାତ୍ର ୮ମ ପର୍ଯ୍ୟନ୍ତ ପଢ଼ିଛି। ହେଲେ ଛୋଟବେଳୁ ମତେ ନାଚିବାକୁ ବହୁତ ଭଲ ଲାଗୁଥିଲା। ମୋର ମନେଅଛି ଆର୍ଥିକସ୍ଥିତି ଖରାପ ଥିବାରୁ ମୁଁ ଓ ମୋ ସାନ ଭଉଣୀ ଅନେକଥର ଭସାଣି ଯାତ୍ରାରେ ଟଙ୍କା ନେଇ ନାଚିଛୁ। ଆଉ ଏଇ ନାଚ ପାଇଁ ଶେଷରେ ମୁଁ ଅଭିନୟଜଗତକୁ ବି ଆସିପାରିଥିଲି। ଥରେ ଯାତ୍ରା ଦେଖିବାକୁ ଯାଇଥାଏ, ଷ୍ଟେଜ୍‌ରେ ଡ୍ୟାନ୍ସ ଆରମ୍ଭ ହେବା ପୂର୍ବରୁ ଅନ୍ଧାର ଥାଏ। ଏଣେ ଗୀତ ଲାଗିଥାଏ। ମୋ ପାଦ ଅଥୟ ହେଲା। ସେଇ ଅନ୍ଧାର ଷ୍ଟେଜ ଉପରକୁ ଦୌଡ଼ି ଯାଇ ନାଚିବା ଆରମ୍ଭ କରିଦେଲି। ହଠାତ୍ ଲାଇଟ୍ ଜଳି ଉଠିଲା। ଯାତ୍ରା ପାର୍ଟିର ଡ୍ୟାନ୍ସର ଷ୍ଟେଜ୍‌କୁ ଆସିବାବେଳକୁ ମୁଁ ଜମେଇକି ନାଚୁଥାଏ। ଆଉ ଦର୍ଶକ ପଇସା ଫିଙ୍ଗିବାରେ ଲାଗିଥାନ୍ତି। ଏ ଦୃଶ୍ୟ ଦେଖି ଯାତ୍ରାପାର୍ଟି ଡ୍ୟାନ୍ସର ଫେରି ଚାଲିଗଲେ। ନାଚ ସରିବାବେଳକୁ କଏନ୍ ଗଦା ହୋଇଯାଇଥାଏ। ମୋ ଦେହରେ ବି କଏନ୍ ଆସି ବାଜୁଥାଏ। ସେ କଏନ୍‌କୁ ସଂଗ୍ରହ କରି ଦୋକାନରେ ନୋଟ୍ କରେଇଥିଲି। ଏସବୁ ଦେଖି ଯାତ୍ରା ପାର୍ଟି ଲୋକ ମତେ ଯାତ୍ରାରେ କାମ କରିବାକୁ କହିଲେ। ସେତେବେଳେ ଯାତ୍ରା ପେଣ୍ଡାଲ ପାଖାପାଖି ଜାଗାରେ 'ଯେତେ କହିଲେ ଭାଗବତ ତୋଷ ନୋହିଲା ମୋର ଚିତ୍ତ' ସିରିଏଲର ଶୁଟିଂ ହେଉଥାଏ। ସେଇ ଗହଳି ଶୁଣି ହର ପଟ୍ଟନାୟକ, ପ୍ରଦ୍ୟୁମ୍ନ ଲେଙ୍କା ଶୁଟିଂ ସେଟ୍‌ରୁ ଯାତ୍ରା ପେଣ୍ଡାଲ ପାଖକୁ ଚାଲି ଆସି ପଚାରିଲେ ଏତେ ଗହଳି, ଏତେ ପାଟି କ'ଣ ପାଇଁ। ମୁଁ କହିଲି ମୁଁ ନାଚୁଥିଲି ତ ସେଥିପାଇଁ। ସେମାନେ କହିଲେ ତମେ ନାଚିପାର ? ମୁଁ କହିଲି, ହଁ। ମତେ ସେମାନେ ନାଚିବାକୁ କହିଲେ, ମୁଁ ନାଚିଲି। ଡାଇଲଗ୍ କହିବାକୁ କହିଲେ, ମୁଁ କହିଲି। ଏସବୁ ଦେଖି ସେମାନେ ବହୁତ ଖୁସି ହେଲେ। ମୋ ଘର ଆଡ୍ରେସ୍ ମାଗି ରଖିଲେ। କହିଲେ, ଆବଶ୍ୟକବେଳେ ତୁମକୁ ଡାକିବୁ। ଏହାପରେ ମୁଁ କଳିଙ୍ଗ ଯାତ୍ରା ପାର୍ଟିରେ କାମ କଲି। 'କଣ୍ଢେଇ ଆଖିରେ ଲୁହ' ଚଳଚ୍ଚିତ୍ର ନିର୍ମାଣ ସମୟ କଥା। ଚଳଚ୍ଚିତ୍ରରେ କଣ୍ଢେଇ ମୁଖା ଭିତରେ ରହି ଅଭିନୟ କରିବା ଲାଗି ଛୋଟ ପିଲା ଦରକାର ଥିଲା। ସେତେବେଳେ ମୋ କଥା ମନେପକାଇ ସେମାନେ ମତେ ଗାଡ଼ି ପଠାଇ ଡକାଇଲେ। ମୁଁ ପହଞ୍ଚିବା ପରେ ମତେ କଣ୍ଢେଇ ପରି ଚାଲିବାକୁ କହିଥିଲେ। ମୁଁ ସୁନ୍ଦରଭାବେ ଚାଲିକି ଦେଖେଇ ଦେଲି। ଆଉ ମତେ ସେଇ କଣ୍ଢେଇ ଚରିତ୍ର ପାଇଁ ବଛାଗଲା। ପ୍ଲାଷ୍ଟିକ ମୁଖା, ପ୍ଲାଷ୍ଟିକ ଗୋଡ଼ ହାତ ପିନ୍ଧି କଣ୍ଢେଇ ଭିତରେ ଲୁଚି ପ୍ରଥମ ଚଳଚ୍ଚିତ୍ରରେ ଅଭିନୟ କଲି। ସେତେବେଳେ ବହୁତ କଷ୍ଟ ପାଇଥିଲି। ମୁଖା ଥରେ ପିନ୍ଧିଲେ ଖୋଲା ହେଉ ନ ଥିଲା। ଗରମରେ ମୁହଁ ସିଝି ଯାଉଥିଲା। ଖାଇପାରୁ ନ ଥିଲି। କେବଳ ଷ୍ଟ୍ର ସାହାଯ୍ୟରେ ଜୁସ୍ ପିଇ ଅଭିନୟ କରୁଥିଲି। ଚଳଚ୍ଚିତ୍ରଟି ରିଲିଜ ହେବା ପରେ ବହୁ ସଫଳତା ପାଇଲା। ହେଲେ କଣ୍ଢେଇ ଭିତରେ କିଏ ଥିଲା କେହି ଜାଣିପାରି ନ ଥିଲେ। ଏହାପରେ ଅନେକ ଚଳଚ୍ଚିତ୍ରରେ କାମ କରିବାକୁ ସୁଯୋଗ ମିଳିଲା। ସ୍କୁଲରେ ପଢ଼ିବାଠୁ ଆରମ୍ଭ କରି ଅଭିନୟ କରିବା ପର୍ଯ୍ୟନ୍ତ ଅନେକ ଲୋକ ମୋ ଉଚ୍ଚତାକୁ ନେଇ ଅନେକ କଥା କହିଛନ୍ତି। କଷ୍ଟ ହୋଇଛି, କିନ୍ତୁ ମୁଁ ସେସବୁ ଖାତିର କରିନି। ଦୁଃଖ କାହା ଆଗରେ ପ୍ରକାଶ ବି କରିନି। କାରଣ ମତେ ଲାଗେ ଦୁଃଖ ବାଣ୍ଟିଲେ ବଢ଼େ। ଆଉ ଜଣେ କଳାକାର ସବୁ ଦୁଃଖକୁ ଚାପି ଅନ୍ୟ ମୁହଁରେ ହସ ଫୁଟାଇବାକୁ ଚେଷ୍ଟା କରେ। ମୁଁ ସେଇୟା ହିଁ କରୁଛି। ପ୍ରଥମେ ପ୍ରଥମେ ସିନେମାରେ ଅଭିନୟ କଲାବେଳେ ପାଉଣା ବାବଦରେ ଅନେକ ଥର ଠକାମିରେ ପଡ଼ିଥିଲି। କାମ କରି ବି ଟଙ୍କା ପାଇ ନ ଥିଲି। ତଥାପି ପ୍ରତିବାଦ କରିପାରୁ ନ ଥିଲି। ଯାତ୍ରାରେ କାମ କଲାବେଳେ ସେଇଭଳି ହଇରାଣ ହୋଇଥିଲି। ତେଣୁ ଯାତ୍ରା ଛାଡିଥିଲି। ଏବେ ସିନେମା ପିଛା ପାଖାପାଖି ୩୦,୦୦୦ ଟଙ୍କା ମିଳୁଛି। ଏଯାବତ ପ୍ରାୟ ୪୦ଟି ଚଳଚ୍ଚିତ୍ରରେ କାମ କରିସାରିଲିଣି। ୪ଟି ଚଳଚ୍ଚିତ୍ର କରୋନା ପାଇଁ ରିଲିଜ୍ ହୋଇ ପାରିନି। ଆଗାମୀ ଦିନରେ ରିଲିଜ ହେବ। ମୋର ଦୁଇ ଭାଇ ଦୁଇ ଭଉଣୀ ବିବାହ କରିସାରିଛନ୍ତି। ସାନ ଭଉଣୀ ଓ ମୁଁ ବାହା ହୋଇନୁ। ମୁଁ ମୋ ଜୀବନକୁ ନେଇ ବେଶ୍ ସନ୍ତୁଷ୍ଟ। ଲୋକଙ୍କ ଅଜସ୍ର ଭଲ ପାଇବା ମିଳିଛି। ଆଉ ଅଧିକ କ'ଣ ଦରକାର।' ସୁମନଙ୍କ ସାନ ଭଉଣୀ ମିନତି କହନ୍ତି, 'ଭଗବାନ ଦେଇଥିବା ଏଇ ଜୀବନକୁ ନେଇ ମୁଁ ବେଶ୍ ଖୁସି ଅଛି। ଅବସୋସ କିଛି ନାହିଁ। ପ୍ରଥମେ ଯେଉଁମାନେ ମତେ ଚିଡ଼ଉଥିଲେ ପରେ ମୋର ନାଚ, ଗୀତ ପ୍ରତିଭା ଦେଖି ଭଲ ପାଇଛନ୍ତି। ଏବେ ଆଉ ସେମିତି କେହି ଆକ୍ଷେପ କରି କହୁ ନାହାନ୍ତି। ମୁଁ ଓଡ଼ିଆରେ ପିଜି କରିଛି। ଏହାବାଦ୍ କିଛି ମ୍ୟୁଜିକ ଭିଡିଓ, ଫିଲ୍ମ ଓ ସିରିୟଲରେ କାମ କରିଛି। ଯଦିଓ ଭାଇ ଭଳି ଏତେଟା ପରିଚିତି ପାଇପାରି ନାହିଁ। ହେଲେ ଆଗକୁ କିଛି କରିଦେଖେଇବାର ଝୁଙ୍କ ଅଛି। ତା'ସହ ଚାକିରି କରିବାକୁ ବି ଚାହେଁ। ସେଥିପାଇଁ ଚେଷ୍ଟା କରିବି।'





ଜ୍ୟୋତି ଅମ୍‌ଗେ



ଲିଲିପୁଟ୍

**ସମାଜସେବା କରୁଛି, କରିବି:** କେଦାରନାଥ ରାଉତ, ବୟସ ୨୨ ବର୍ଷ। ଘର କେନ୍ଦ୍ରପଡ଼ା, ପଟ୍ଟାମୁଣ୍ଡାଇରେ। ଭୁବନେଶ୍ୱର ବିଜେବୀ କଲେଜରେ +୨ ଛାତ୍ର। ବାପାଙ୍କ ଦେହାନ୍ତ ପରେ ଏବେ ସେ ତାଙ୍କ ମା' ଓ ଦୁଇ ଭାଇଙ୍କ ସହ ରୁହନ୍ତି। ଘରେ ତାଙ୍କୁ ଛାଡ଼ିଦେଲେ ଅନ୍ୟ କେହି ବାମନ ନୁହନ୍ତି। କେଦାରନାଥ କୁହନ୍ତି, 'ଆଜି ପର୍ଯ୍ୟନ୍ତ ମୁଁ ମୋ ଉଚ୍ଚତାକୁ ନେଇ କେବେ ବି ଖରାପ ଅନୁଭବ କରିନାହିଁ। କାରଣ ମତେ ଲାଗେ କର୍ମ ମଣିଷକୁ ଛୋଟ କି ବଡ଼ କରେ। ଶାରୀରିକ ବୈଶିଷ୍ଟ୍ୟ ନୁହେଁ। ଭଗବାନ ନିଜେ ବାମନ ଅବତାର ନେଇଥିଲେ। ତେଣୁ କେହି କିଛି କହିଲେ ତାକୁ ମୁଁ ଗୁରୁତ୍ୱ ଦିଏନା। ଆମ ପରିବାରର

→

ଆର୍ଥିକସ୍ଥିତି ଏତେଟା ଭଲ ନୁହେଁ। ଅନେକ ଅଭାବ ଅସୁବିଧାରେ ଆମେ ଚଳୁଛୁ। ତା'ସତ୍ତ୍ୱେ ମତେ ସମାଜ ସେବା କରିବାକୁ ଭଲ ଲାଗେ। ତେଣୁ ''ରେ' ଅଫ୍ ଫାଉଣ୍ଡେଶନ୍'' ନାମକ ସଂସ୍ଥା ସହ ଜଡ଼ିତ ହୋଇ ଗରିବ ପିଲାଙ୍କୁ ପଢ଼ାଇବା, ଆଇ କ୍ୟାମ୍ପ, ମୋତିଆ ବିନ୍ଦୁ ଅପରେଶନ୍, ରକ୍ତଦାନ କରାଇବା ଭଳି କାମ କରୁଛି। ୨୦୧୭ରୁ ଏଭଳି ସମାଜସେବା କରିଆସୁଛି। ଏହି କାମରେ ମତେ ଆତ୍ମସନ୍ତୋଷ ମିଳୁଛି। ଏହାଛଡ଼ା ଅଭିନୟ କରିବାକୁ ବି ମତେ ଭଲ ଲାଗେ। ଟିକ୍‌ଟକ୍‌ରେ ଅନେକ ଭିଡିଓ କରିଥିଲି। ୧୦ ମିଲିୟନ ଭ୍ୟୁ ହେଉଥିଲା। ରିଲ୍ସ ବି କରୁଛି। ସୁଯୋଗ ମିଳିଲେ ସିରିୟଲ, ସିନେମାରେ ଅଭିନୟ କରିବାକୁ ଇଚ୍ଛା ଅଛି। ଅଭାବ ଅସୁବିଧା ଓ ବାପାଙ୍କ ଦେହାନ୍ତ ପାଇଁ +୨ ପଢ଼ା ବନ୍ଦ ହେଇଯାଇଥିଲା। ବଡ଼ ଭାଇ ବମ୍ବେ ଯାଇ ଚାକିରି କରିବା ପରେ ଘରର ସ୍ଥିତି ଟିକେ ସୁଧୁରିଛି। ଆଉ ତିନି ବର୍ଷ ପରେ ମୁଁ ପୁଣିଥରେ ପଢ଼ା ଆରମ୍ଭ କରିଛି। ସାନ ଭାଇ ବି ପଢ଼ା ଆରମ୍ଭ କରିଛି। ତେବେ ମୁଁ ଭବିଷ୍ୟତରେ ଯାହାବି କରେ ସମାଜ ସେବାକୁ ଛାଡ଼ିପାରିବି ନାହିଁ। ବରଂ ସମାଜସେବାକୁ ନେଇ ଆହୁରି ଆଗକୁ ଯିବାକୁ ଇଚ୍ଛା ଅଛି।

**ଲିଲିପୁଟ୍ ବଦଳାଇଲେ ଧାରଣା:** ଏମ୍ ଏମ୍ ଫାରୁକି କହିଲେ ହୁଏତ କେହି ଜାଣିପାରିବେନି ସେ କିଏ। କାରଣ ସ୍କ୍ରିନ୍ ନେମ୍ 'ଲିଲିପୁଟ୍'ଦ୍ୱାରା ସେ ବେଶ୍ ପରିଚିତ। ଉଭୟ ବଲିଉଡ୍ ଓ ହିନ୍ଦୀ ଟେଲିଜଗତରେ ସେ ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରିଛନ୍ତି। ସାଗର, ଆଣ୍ଟି ନଂ ୧, ବଣ୍ଟି ଔର ବବ୍‌ଲି ପରି ଚଳଚ୍ଚିତ୍ରରେ ଅଭିନୟ କରି ସେ ନିଜ ବଳିଷ୍ଠ ଅଭିନୟର ଛାପ ଛାଡ଼ିଛନ୍ତି। ସେହିଭଳି ୯୦ ଦଶକର ପପୁଲାର କମେଡିଭିତ୍ତିକ ଧାରାବାହିକ 'ଦେଖ ଭାଇ ଦେଖ୍', 'ନଟ୍ ଖଟ୍', 'ମି.ଫଣ୍ଟୁସ୍', 'ବିକ୍ରମ ଔର ବେତାଲ' ଓ ସର୍ବୋପରି ହରର୍ ଧାରାବାହିକ 'ଓ୍ୱହ'ରେ ଅଭିନୟ କରି ସେ ଦର୍ଶକଙ୍କ ମନରେ ଘର କରି ଯାଇଛନ୍ତି। ଦୂରଦର୍ଶନର ସାଇନ୍ସ ଫିକ୍ସନ ସିରିଜ 'ଇନ୍ଦ୍ରଧନୁଶ'ର ସେ ରାଇଟର୍ ବି ଥିଲେ। 'ଓ୍ୱହ'ରେ ସେ ଲୋକଙ୍କୁ ବେଶ୍ ଡରାଇ ପ୍ରଶଂସା ସାଉଁଟିଥିଲେ। ଏହାକୁ ଦେଖି ସେତେବେଳେ ଜଣେ ଟପ୍ ଷ୍ଟାର୍ ତାଙ୍କୁ ଆକ୍ଷେପ କରି କହିଥିଲେ ତମେ ସିରିୟସ୍ ରୋଲ୍ ବି କରିପାର। ଲିଲିପୁଟ୍ କହନ୍ତି, 'ସେତେବେଳେ ମୁଁ ଭାବିଥିଲି ବାମନ କ'ଣ ଖାଲି କମେଡି ରୋଲ୍ ପାଇଁ ଫିଟ୍?' ଏମିତି ଅନେକ ଲୋକ ତାଙ୍କୁ ଅନେକ ତାଚ୍ଛଲ୍ୟ କରି କହିଛନ୍ତି। ହେଲେ ଲିଲିପୁଟ୍ କେବେ କାହାରି କରୁନ୍ତି, ଆକ୍ଷେପକୁ ନିଜ ସଫଳତା ପଥରେ ବାଧକ ହେବାକୁ ଦେଇ ନାହାନ୍ତି। ତାସହ ଲୋକଙ୍କ ମନରେ ଥିବା ଧାରଣା ଯେ, ବାମନ ଖାଲି ହାସ୍ୟାଭିନେତା ହେବାକୁ ପ୍ରଯୁଜ୍ୟ ତାକୁ ସେ ଭୁଲ ପ୍ରମାଣିତ କରିଥିଲେ।

**ସାରା ପୃଥିବୀରେ ଚର୍ଚ୍ଚିତ ଜ୍ୟୋତି:** ଦେଖିଲେ ଭାବିବେ ୨ ବର୍ଷର କୁନି ଝିଅଟିଏ। ଲମ୍ବା ଲମ୍ବା କେଶ, କୁନି କୁନି ହାତ ଗୋଡ଼। ବହୁତ ସୁନ୍ଦର ଲାଗନ୍ତି ସେ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଶରୀର ତାଙ୍କର ସିନା ୨ ବର୍ଷର କୁନି ଝିଅ ପରି ହେଲେ ବୟସ ତାଙ୍କୁ ୨୮ ବର୍ଷ। ଆଉ ତାଙ୍କ ଉଚ୍ଚତା ଏତେ କମ୍ ଯେ, ସେ ପୃଥିବୀର ସବୁଠାରୁ କମ୍ ଉଚ୍ଚତା ଥିବା ମହିଳାଭାବେ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ତାଙ୍କ ନାମ ହେଉଛି ଜ୍ୟୋତି କିସାଙ୍ଗେ ଅମ୍‌ଗେ। ତାଙ୍କର ଉଚ୍ଚତା ୨ ଫୁଟ ୩.୪ ଇଞ୍ଚ। ଜ୍ୟୋତିଙ୍କ ଉଚ୍ଚତା ନ ବଢ଼ିବାର କାରଣ ହେଉଛି ସେ ଏକ ଜିନ୍‌ଗତ ରୋଗ ପ୍ରାଇମୋରଡିଆଲ୍ ଡ୍ୱାର୍ଫିଜିମ୍‌ରେ ପୀଡ଼ିତ। ହେଲେ ସେ କେବେ ବି ବାମନ ହେବାକୁ ନେଇ ଦୁଃଖିତ ନୁହନ୍ତି। ବରଂ ନିଜ ଶରୀରକୁ ସେ ଭଗବାନଙ୍କ ବରଦାନ ଭାବନ୍ତି। ଆଉ ନିଜକୁ ଜଣେ ଅଭିନେତ୍ରୀଭାବେ ମଧ୍ୟ ପରିଚିତ କରାଇପାରିଛନ୍ତି। ୨୦୦୯ରେ ଜ୍ୟୋତିଙ୍କୁ ନେଇ ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ର 'ବଡି ସକ୍: ଟୁ ଫୁଟ୍ ଟଲ୍ ଟିନ୍' କରାଯାଇଥିଲା। ବିଗ୍ ବସ୍ ୬ରେ ତାଙ୍କର ଗେଷ୍ଟ ଆପିୟରେନ୍ସ ବି ଥିଲା। ୨୦୧୪ ଅଗଷ୍ଟ ୧୩ରେ ଆମେରିକୀୟ ହରର୍ ଷ୍ଟୋରି: ଫ୍ରିକ୍ ଶୋ'ରେ ବି ସେ ଅଭିନୟ କରିଥିଲେ ; ଯେଉଁଥିରେ ତାଙ୍କ ଚରିତ୍ରର ନାମ ଥିଲା 'ମା ପେଟାଇଟ୍'। ତାଙ୍କର ଏକ ୱାକ୍ସ ବା ମହମର ପ୍ରତିକୃତି ଲୋନାଭାଲାର ସେଲିବ୍ରିଟି ୱାକ୍ସ ମ୍ୟୁଜିୟମରେ ଅଛି।

**ପ୍ରଥମ ବାମନ ଭାବେ ପାଇଲେ ଡ୍ରାଇଭିଂ ଲାଇସେନ୍ସ:** ହାଇଦ୍ରାବାଦର ଗଞ୍ଜିପାଲି ଶିବପାଲଙ୍କ ଉଚ୍ଚତା ପାଖାପାଖି ୩ ଫୁଟ। ହେଲେ ବୟସ ୪୨ ବର୍ଷ। ସେ ଘରର ବଡ଼ ପୁଅ ଓ କେବଳ ସେ ହିଁ ପରିବାରରେ ବାମନଭାବେ ଜନ୍ମ ହୋଇଥିଲେ। କମ୍ ଉଚ୍ଚତା ପାଇଁ ସେ ବି ଅନେକ ଅସହ୍ୟ ଥଟ୍ଟା ମଜାର ଶିକାର ହୋଇଛନ୍ତି। ହେଲେ ଏଥିରେ ସେ ଅଟକି ନ ଯାଇ ନିଜ ଜିଲା କରିମନଗରର ପ୍ରଥମ ଭିନ୍ନକ୍ଷମ ଡିଗ୍ରୀଧାରୀ ହୋଇ ପାରିଥିଲେ। ତଥାପି ତାଙ୍କୁ କାମଟିଏ ପାଇବାକୁ ଅନେକ ସଂଘର୍ଷ କରିବାକୁ ପଡ଼ିଥିଲା। କିଛିଦିନ ଚଳଚ୍ଚିତ୍ର ଓ ଡେଲି ସୋପ୍‌ରେ ଛୋଟ ମୋଟ କାମ କରିଥିଲେ। ପରେ ଜଣେ ସାଙ୍ଗଙ୍କ ସହାୟତାରେ ଏକ କମ୍ପାନୀରେ କାମଟିଏ ପାଇଲେ। ସେ କହନ୍ତି, ''ମୁଁ ଯେବେ ମୋ ସ୍ତ୍ରୀ ସହ ବୁଲିବାକୁ ବାହାରେ ଓ କ୍ୟାବ ବୁକ୍ କରେ ଆମକୁ ଦେଖିବା ପରେ କ୍ୟାବ୍ କ୍ୟାନ୍ସେଲ କରିଦେଉଥିଲେ। ଏମିତି କି ଲୋକେ ଖରାପ କଥା ବି କହୁଥିଲେ। ତେଣୁ ନିଷ୍ପତ୍ତି ନେଲି ଗାଡ଼ି କିଣିବି, ଚଳାଇବା ଶିଖିବି। ଏହାପରେ ଇଣ୍ଟରନେଟ୍ ସର୍ଫ କରି ମୋ ପରି ବାମନ କିଭଳି ଗାଡ଼ି ଚଳାଇପାରିବେ ଅନେକ ଭିଡିଓ ଦେଖିଲି। ଏକ ଭିଡିଓରେ ସିଟ୍ ଉପରକୁ କରିବା ସହ କାର୍‌ରେ କିଛି ଜରୁରୀ ପରିବର୍ତ୍ତନ କରି ମୋ ଉଚ୍ଚତାର ମଣିଷ ଗାଡ଼ି ଚଳାଇପାରୁଥିବା ଦେଖିବାକୁ ପାଇଲି। ଏହାପରେ ମନରେ ସାହସ ହେଲା। ଆଉ ଗାଡ଼ିଟିଏ କିଣି ସେଥିରେ ସେହିଭଳି ସବୁ ପରିବର୍ତ୍ତନ କରାଇଲି। ଜଣେ ସାଙ୍ଗ ସହାୟତାରେ ଗାଡ଼ି ଚଳାଇବା ଶିଖିଲି। ଗାଡ଼ି ସିନା ଶିଖିଗଲି, ହେଲେ ଡ୍ରାଇଭିଂ ଲାଇସେନ୍ସ ପାଇବା ପାଇଁ ବହୁତ କଷ୍ଟ କରିବାକୁ ପଡ଼ିଥିଲା। ଶେଷରେ ଡ୍ରାଇଭିଂ ଲାଇସେନ୍ସ ପାଇଥିବା ଭାରତର ପ୍ରଥମ ବାମନ ହେବାର ସୌଭାଗ୍ୟ ଅର୍ଜନ କଲି। ଏବେ ମୁଁ ନିଜ ଇଚ୍ଛାର ମାଲିକ। କାହା ଉପରେ ନିର୍ଭରଶୀଳ ନୁହେଁ। ଯେଉଁଆଡେ ଇଚ୍ଛା ଗାଡି ଧରି ଯାଇପାରୁଛି।''

**ବାମନ ପରିବାର:** ତେଲେଙ୍ଗାନାର ୫୨ ବର୍ଷୀୟ ରାମ ରାଜଙ୍କ ପରିବାରର ସଦସ୍ୟ ସଂଖ୍ୟା ୧୧। ଏହି ୧୧ ଜଣଙ୍କ ମଧ୍ୟରୁ ୯ଜଣ ବାମନ।



ଭାରତର ବାମନ ଗାଁ




ଗଞ୍ଜିପାଲି ଶିବପାଲ



କେଦାର



ତେଲେଙ୍ଗାନାର ବାମନ ପରିବାର



ଭଉଣୀ ମିନତି ଓ ମା'ଙ୍କ ସହ ସୁମନ

ତେଣୁ ଘରୁ ବାହାରିବାମାନେ ଲୋକଙ୍କ ଅଜବ ଚାହାଣି, ଅଜବ ପ୍ରଶ୍ନର ବାଣ ସହ ଅନେକ ତାଚ୍ଛଲ୍ୟଭରା କଥା ସେମାନଙ୍କୁ ଶୁଣିବାକୁ ପଡ଼େ। ରାମ ରାଜ କହନ୍ତି, ''ଆମ ପରିବାରର ସଦସ୍ୟଙ୍କୁ ସହଜରେ କେହି କାମ ଦିଅନ୍ତି ନାହିଁ। କାରଣ ଲୋକଙ୍କ ମନରେ ଧାରଣା ରହିଛି ଯେ, ଆମେ କୌଣସି କାମ କରିବାକୁ ସମର୍ଥ ନୁହଁ। ସେଥିପାଇଁ ବହୁ କଷ୍ଟରେ ମୁଁ ମ୍ୟାରେଜ ୱେଲକମର୍ କାମଟି ପାଇଲି। ହେଲେ ଯେବେ କୌଣସି ବିବାହ ନ ଥାଏ ରୋଜଗାର ବନ୍ଦ ହୋଇଯାଏ। ତେଣୁ ଜଣେ ସମ୍ପର୍କୀୟଙ୍କ ଗ୍ରୋସେରି ଦୋକାନରେ ବି କାମ କରୁଛି। ମୋ ଝିଅର ଆକାଉଣ୍ଟାଣ୍ଟ ହେବାକୁ ବହୁତ ଇଚ୍ଛା। କିନ୍ତୁ ଶିକ୍ଷାଗତ ଯୋଗ୍ୟତା ଥାଇ ବି ତାକୁ କେହି କାମ ଦେଉ ନାହାନ୍ତି। ଏହି କାରଣରୁ ଆମେ ବାଧ୍ୟ ହୋଇ ଛୋଟ ମୋଟ କାମ କରୁଛୁ। ତଥାପି ମୁହଁରେ ହସ ଫୁଟେଇ ବଞ୍ଚୁଛୁ। କାରଣ ମୋ ବାପା କହିଥିଲେ ଉଚ୍ଚତା ପାଇଁ କେବେ ବି ମନ ଦୁଃଖ କରିବ ନାହିଁ। କାରଣ ଭଗବାନ ବି ବାମନ ହୋଇ ଜନ୍ମ ହୋଇଥିଲେ। ତା'ସହ କେହି ଯଦି ତୁମକୁ ଦେଖି ହସୁଛନ୍ତି, ଭାବି ନେବ ଯେ ଭଗବାନ ଅନ୍ୟ ମୁହଁରେ ହସ ଫୁଟାଇବା ପାଇଁ ତୁମକୁ ଜନ୍ମ ଦେଇଛନ୍ତି।''

**ବାମନଙ୍କ ଗାଁ:** ଆସାମର ଉଦଲଗୁରି ଜିଲାରେ ଅଛି 'ଅମାର ଗାଁ'। ଗୁଆହାଟିଠାରୁ ଏହା ୯୦ କି.ମି. ଦୂରରେ ଅବସ୍ଥିତ। ଏହି ଗାଁର ବିଶେଷତ୍ୱ ହେଉଛି ଯେ, ଏଠାରେ ୭୦ଜଣ ବାମନ ବସବାସ କରନ୍ତି। ସେଥିପାଇଁ ଏହା 'ବାମନଙ୍କ ଗାଁ'ଭାବେ ବେଶ୍ ପରିଚିତ। ଏହି ଗାଁକୁ ଗଲେ ଲାଗେ ସତେ ଯେମିତି ଏହା ଏକ ଭିନ୍ନ ଦୁନିଆ। ତେବେ ଏହି ଗାଁକୁ ବସେଇଛନ୍ତି ପବିତ୍ର ରାଭା ନାମକ ଜଣେ ଆସାମୀୟ ଅଭିନେତା। ସେଥିପାଇଁ ତାଙ୍କୁ ଏହି ଗାଁର ସର୍ଦ୍ଦାର ବୋଲି ଅନେକେ କହନ୍ତି। ଏଠାକାର କୌଣସି ବ୍ୟକ୍ତିଙ୍କ ଉଚ୍ଚତା ସାଢ଼େ ତିନି ଫୁଟ୍‌ରୁ ଅଧିକ ନୁହେଁ। ଏହି ଗାଁକୁ କିଏ ନିଜ ଇଚ୍ଛାରେ ଆସି ରହୁଛନ୍ତି ତ କାହାକୁ ତା'ର ପରିବାର ଲୋକେ ଏଠାରେ ଛାଡ଼ି ଦେଇଯାଇଛନ୍ତି। ଏଠାକାର ସମସ୍ତଙ୍କ ଉଚ୍ଚତା କମ୍ କିନ୍ତୁ ମନରେ ଦମ୍ଭ ବହୁତ। ଏମାନେ ଦିନତମାମ କ୍ଷେତରେ ଚାଷବାସ କରନ୍ତି। ଆଉ ସନ୍ଧ୍ୟା ହେଲେ ରଙ୍ଗମଞ୍ଚରେ କଳାକାର ଭାବେ ନଜର ଆସନ୍ତି। କାରଣ ଏଠି ରହୁଥିବା ସବୁ ବାମନ ଜଣେ ଜଣେ କଳାକାର। ପବିତ୍ର ରାଭା କହନ୍ତି, 'ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାର ମୁଁ ଜଣେ ରଙ୍ଗମଞ୍ଚ କଳାକାର। ଏନ୍ଏସ୍‌ଡିର କୋର୍ସ ସାରିବା ପରେ ଅବହେଳାର ଶିକାର ହେଉଥିବା ବାମନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଲାଗି ସେମାନଙ୍କୁ ଅଭିନୟର କଳା ଶିଖାଇବାକୁ ନିଷ୍ପତ୍ତି ନେଇ ୨୦୧୧ରେ ଏଇ ବାମନ ଗାଁକୁ ସ୍ଥାପନ କଲି। ଏହି ପଦକ୍ଷେପ ପାଇଁ ମତେ ଅନେକ ତାଚ୍ଛଲ୍ୟଭରା କଥା ଶୁଣିବାକୁ ପଡିଥିଲା। କିଏ ଏଇ ଗାଁକୁ 'ବାମନଙ୍କ ଦେଶ' କହୁଥିଲା ତ କିଏ 'ବାମନ ମଣ୍ଡଳୀ' କହୁଥିଲା।' ହେଲେ ଏସବୁକୁ ଖାତିର ନ କରି ପବିତ୍ର ରାଭା ବାମନଙ୍କୁ ସ୍ୱାଭିମାନର ସହ ବଞ୍ଚିବାର ସୁଯୋଗ ଦେଲେ। ଆଉ ଅଭିନୟର ତାଲିମ ଦେଇ ସେମାନଙ୍କୁ କଳାକାରର ପରିଚୟ ବି ଦେଲେ। ଭାରତର ଏଇ ବାମନ ଗାଁ ପରି ଚାଇନା ସିଚୁଆନ ପ୍ରାନ୍ତସ୍ଥ ୟାଙ୍ଗସୀ ନାମକ ଗାଁ ବି ସାରା ପୃଥିବୀରେ ବାମନଙ୍କ ଗାଁ ଭାବେ ପରିଚିତ। କାରଣ ଏଠାକାର ଅଧିକାଂଶ ଅଧିବାସୀଙ୍କ ଉଚ୍ଚତା ୨ ଫୁଟ ୧ ଇଞ୍ଚରୁ ୩ ଫୁଟ ୧୦ ଇଞ୍ଚ ମଧ୍ୟରେ ହୋଇଥାଏ। ୧୯୧୧ରେ ପ୍ରଥମେ ଏହି ଗାଁ ଲୋକଲୋଚନକୁ ଆସିଥିଲା। ଆଉ ୧୯୫୧ରେ ସରକାରୀ ସ୍ତରରେ ଏହା ପରିଚୟ ପାଇଲା। ଏହି ଗାଁରେ ବାମନଙ୍କ ସଂଖ୍ୟା ଏତେ ଅଧିକ କାହିଁକି ଜାଣିବା ଲାଗି ଅନେକ ଗବେଷଣା ହୋଇଛି। ହେଲେ ଏଯାବତ୍ କିଛି ନିଷ୍କର୍ଷ ବାହାରି ପାରିନି।

କୁହାଯାଏ ମଣିଷ ହେଉଛି ଈଶ୍ୱରଙ୍କର ସର୍ବଶ୍ରେଷ୍ଠ ସୃଷ୍ଟି। ତେଣୁ ସେ ଯେଉଁ ରଙ୍ଗ ରୂପର ହେଉ ନା କାହିଁକି ତା' ମଧ୍ୟରେ ଥାଏ କିଛି ନା କିଛି ସ୍ୱତନ୍ତ୍ରତା। ଏହି କଥାକୁ ଯଦି ସମସ୍ତେ ହୃଦୟଙ୍ଗମ କରିପାରନ୍ତେ ତେବେ ହୁଏତ କୌଣସି ଭେଦଭାବର ପାଚେରୀ ରହନ୍ତା ନାହିଁ।

-ଶିବାନୀ ମହାନ୍ତି



# ଡେନିମ୍ ଫୁଟ୍‌ୱେର୍

ଡେନିମ୍ ଫ୍ୟାଶନ କେବେ ବି ଆଉଟ୍ ଡେଟେଡ୍ ହୁଏ ନାହିଁ। ଏହାର ଟ୍ରେଣ୍ଡ ସବୁବେଳେ ରହିଥାଏ। ତେବେ ଡେନିମ୍ କହିଲେ ସାଧାରଣତଃ ମନରେ ଆସେ ଡେନିମ୍ ଜ୍ୟାକେଟ୍, ଡେନିମ୍ ଡ୍ରେସ୍ କିମ୍ବା ଜିନ୍ସ କଥା। କିନ୍ତୁ ଏବେ ଡେନିମ୍‌ର କେବଳ ଆଉଟ୍‌ଫିଟ୍ ନୁହେଁ, ଏହାର ଫୁଟ୍‌ୱେର୍ ବି ମାର୍କେଟ୍‌କୁ ଆସିଲାଣି, ଯାହାର ଚାହିଦା ମଧ୍ୟ ଖୁବ୍ ରହୁଛି। କାରଣ ଏହା ଦେଖିବାକୁ ଯେମିତି ଟ୍ରେଣ୍ଡି ହୋଇଥାଏ ପିନ୍ଧିବାକୁ ସେମିତି କମ୍ଫର୍ଟେବଲ୍ ଲାଗିଥାଏ। ତା'ହେଲେ ଆସନ୍ତୁ ଜାଣିବା କୁଲ୍ ଲୁକ୍ ଦେଉଥିବା ସେମିତି କେତୋଟି ଟ୍ରେଣ୍ଡି ଡେନିମ୍ ଫୁଟ୍‌ୱେର୍ ସମ୍ପର୍କରେ...

* **ଡେନିମ୍ ଆଙ୍କେଲ୍ ଶୁ:** ଆଙ୍କେଲ୍ ଶୁ ପିନ୍ଧିବାକୁ ପସନ୍ଦ କରୁଥିବା ଯୁବପିଢ଼ିଙ୍କ ପାଇଁ ଖୁସି ଖବର। ଏବେ ଡେନିମ୍‌ର ବି ଆଙ୍କେଲ୍ ଶୁ ଆସିଲାଣି। ଏହାକୁ ଜିନ୍ସ ପ୍ୟାଣ୍ଟ ହେଉ ଅବା ଶର୍ଟ ଲେଙ୍ଗ୍‌ଥ ସ୍କର୍ଟ ସହ ପେୟାର୍ କରି ପିନ୍ଧିଲେ ଲୁକ୍ ଷ୍ଟାଇଲିଶ୍ ଲାଗିଥାଏ।
* **ଡେନିମ୍ ବୁଟ୍ସ:** ଶୀତଦିନ ପାଇଁ ଡେନିମ୍‌ର ଏହି ଫୁଟ୍‌ୱେର୍ ଏକ ଭଲ ଅପ୍ସନ। କାରଣ ଏହାକୁ ପିନ୍ଧିବା ଦ୍ୱାରା ପାଦକୁ ଶୀତରୁ ରକ୍ଷା ମିଳିବା ସହ ଟିକେ ଡିଫରେଣ୍ଟ ଲୁକ୍ ବି ମିଳିଥାଏ। ତେବେ ଏହାର ମଧ୍ୟ ଅନେକ ଭେରାଇଟି ଦେଖିବାକୁ ମିଳିଥାଏ, ଯଥା: ଥାଇ ହାଇ ଡେନିମ୍ ବୁଟ୍, ଆଙ୍କେଲ୍ ହିଲ୍ ବୁଟ୍, ଜିପ୍ ଷ୍ଟାଇଲ୍ ବୁଟ୍, ଲେସ୍ ଅପ୍ ବୁଟ୍, କଟ୍ ଆଉଟ୍ ଆଙ୍କେଲ୍ ବୁଟ୍ ଇତ୍ୟାଦି।
* **ଡେନିମ୍ ଫ୍ଲାଟ୍ ଓ ହିଲ୍ସ :** ଯେଉଁମାନଙ୍କୁ ଓପନ୍ ଫୁଟୱେର ପିନ୍ଧିବା ପସନ୍ଦ, ସେମାନେ ଚାହିଁଲେ ଡେନିମ୍‌ର ଫ୍ଲାଟ୍ କିମ୍ବା ହିଲ୍ ଫୁଟୱେର୍‌କୁ ଟ୍ରାଏ କରିପାରିବେ। ଏହାକୁ ଜିନ୍ସ-ଟି ଶାର୍ଟ ହେଉ ଅବା ଶର୍ଟ୍ସ କିମ୍ବା ଅନ୍ୟ କୌଣସି ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ପେୟାର୍ କରି ପିନ୍ଧାଯାଇପାରେ। ଏହି ଦୁଇ ଫୁଟୱେର୍‌ର ଅନେକ ସୁନ୍ଦର ସୁନ୍ଦର ଡିଜାଇନ୍ ଏବେ ମାର୍କେଟ୍‌ରେ ମିଳିଲାଣି, ଯାହାକୁ ପିନ୍ଧି ଆରାମରେ ସ୍ମାର୍ଟ ଲୁକ୍ ପାଇହେବ।
* **ଡେନିମ୍ ୱେଜେଜ୍:** ଏହି ଷ୍ଟାଇଲ୍‌ର ଫୁଟୱେର୍ ଯୁବତୀଙ୍କୁ ଏଲିଗାଣ୍ଟ ଲୁକ୍ ଦେଇଥାଏ। ଯେଉଁମାନେ ହିଲ୍‌ରେ କମ୍ଫର୍ଟେବଲ୍ ନୁହଁ କିନ୍ତୁ ପିନ୍ଧିବାକୁ ଇଚ୍ଛା ରଖିଥାନ୍ତି, ସେମାନଙ୍କ ପାଇଁ ଏହି ଫୁଟୱେର୍ ଏକ ଭଲ ବିକଳ୍ପ ହୋଇଥାଏ। ଶର୍ଟ୍ସ ହେଉ ଅବା ଆଙ୍କେଲ୍ ଲେଙ୍ଗ୍‌ଥ ଜିନ୍ସ କିମ୍ବା ନି ଲେଙ୍ଗ୍‌ଥ ଫ୍ରକ୍ ସହ ମ୍ୟାଚିଂ କରି ଡେନିମ୍ ୱେଜେଜ୍ ପିନ୍ଧିଲେ ମଡର୍ନ ଲୁକ୍ ମିଳିଥାଏ।
* **ଡେନିମ୍ ସ୍ନିକର୍ସ:** ଅଲ୍ ଟାଇମ୍ କମ୍ଫର୍ଟେବଲ୍ ଲୁକ୍ ଦେଇଥାଏ ସ୍ନିକର୍ସ। ଆଉ ଡେନିମ୍ ସ୍ନିକର୍ସର କଥା ହିଁ ଅଲଗା। ଏହାକୁ କଲେଜ ହେଉ ଅବା ଅଫିସ୍ କିମ୍ବା ଆଉଟିଂରେ ଗଲାବେଳେ ଆରାମରେ ପିନ୍ଧାଯାଇପାରେ।













# ଏ ଜନ୍ମରେ ସରିଲାନି ସଙ୍ଗୀତର ଶିକ୍ଷା– ଶ୍ୟାମାମଣି ଦେବୀ





ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ନିଜର ସୁଲଳିତ କଣ୍ଠରେ ଓଡ଼ିଶୀ ସଙ୍ଗୀତ ପରିବେଷଣ କରି ଉତ୍କଳୀୟ କଳା ସଂସ୍କୃତିକୁ ବଞ୍ଚାଇ ରଖିବାରେ ଶ୍ୟାମାମଣି ଦେବୀଙ୍କ ଅବଦାନ ଅତୁଳନୀୟ। ଯେଉଁଥିପାଇଁ ସେ ନିକଟରେ ପଦ୍ମଶ୍ରୀ ସମ୍ମାନ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉଭୟ ଓଡ଼ିଶୀ ଓ ହିନ୍ଦୁସ୍ତାନୀ ସଙ୍ଗୀତରେ ପାରଙ୍ଗମ ଶ୍ୟାମାମଣିଙ୍କ ଜନ୍ମ ୧୯୩୮ ମସିହା କଟକ ଜିଲାର ସୁବର୍ଣ୍ଣପୁର ଗ୍ରାମରେ। ପିତା ରାଜେନ୍ଦ୍ର ମୋହନ ପଟ୍ଟନାୟକ ଓ ମା' ନିଶାମଣି ଦେବୀ। ବଡ଼ବାପା ଥିଲେ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ। ଏକ ଆଭିଜାତ୍ୟ କଳାକାର ପରିବାର ଥିଲା ତାଙ୍କର। ଖୁବ୍ ଛୋଟଦିନୁ ସେ ଥିଲେ ସଙ୍ଗୀତର ପୂଜାରିଣୀ। ଶ୍ୟାମାମଣି କୁହନ୍ତି, 'ଏକ ସଙ୍ଗୀତମୟ ପରିବେଶ ଥିଲା ଆମଘର। ପ୍ରତ୍ୟେକ ଦିନ ସକାଳେ ଓ ସନ୍ଧ୍ୟାରେ ଭଜନ କୀର୍ତ୍ତନ ଆୟୋଜନ ହୁଏ ; ଯେଉଁଥିରେ ଆମ ପରିବାରର ପ୍ରତି ସଦସ୍ୟ ଯୋଗଦିଅନ୍ତି। ପାଞ୍ଚ ଛଅ ବର୍ଷ ବୟସରେ ଭଜନ ଶୁଣିବା ସହ ଗ୍ରାମଫୋନ ରେକର୍ଡରୁ ଗୀତ ଶୁଣି ମୋର ସଙ୍ଗୀତ ପ୍ରତି ଆଗ୍ରହ ସୃଷ୍ଟି ହେଲା। ପ୍ରଚଣ୍ଡ ଇଚ୍ଛା ଶକ୍ତି ମଧ୍ୟରେ ବାଧା ସାଜିଲା ସେ ବେଳର ରକ୍ଷଣଶୀଳ ସମାଜ। ସେତେବେଳେ ଝିଅଟିର ଗୀତ ଗାଇବା ଓ ନାଚିବାକୁ ଲୋକେ ଭଲ ଚକ୍ଷୁରେ ଦେଖୁ ନ ଥିଲେ। ବହୁ ବାଧାବିଘ୍ନ ଓ ଅନ୍ତରାୟକୁ ସାମ୍ନା କରିବାକୁ ପଡ଼ିଲା ମୋତେ। ମୁଁ କିନ୍ତୁ ଅଟଳ ରହିଲି ମୋ ଜିଦ୍‌ରେ। ଲକ୍ଷ୍ୟ କେବଳ ଗୋଟିଏ, ସଙ୍ଗୀତରେ ଉଚ୍ଚ ଶିକ୍ଷା ଲାଭ କରିବା। ସମାଜର ବିରୋଧ ସତ୍ତ୍ୱେ, ପାରିବାରିକ ପ୍ରେରଣା ଯୋଗୁ କଟକ ଆସି ରେଭେନ୍ସା ଗର୍ଲ୍ସ ହାଇସ୍କୁଲରେ ନାମ ଲେଖାଇଲି। ଏହାର କିଛିଦିନ ପରେ ଗୁରୁ ସ୍ୱର୍ଗତ କୁଣ୍ଡଳାଦି ନାରାୟଣ ରାଓଙ୍କଠାରୁ କଟକସ୍ଥିତ ନ୍ୟାଶନାଲ ମ୍ୟୁଜିକ୍ ଆସୋସିଏଶନରେ ସଙ୍ଗୀତ ଶିକ୍ଷା କଲି।' ୧୯୫୦ ମସିହାରେ ଅଲ୍ ଇଣ୍ଡିଆ ରେଡିଓରେ ଶିଶୁ କଳାକାର ଭାବେ କାର୍ଯ୍ୟ ଆରମ୍ଭ କରିଥିବା ଶ୍ୟାମାମଣି ଦେବୀଙ୍କୁ ୧୯୫୪ ମସିହାରେ ନିୟମିତ କଳାକାର ଭାବେ ସ୍ୱୀକୃତି ମିଳିଥିଲା। ପୁରୁଣା ଦିନର ଅଭୁଲା ସ୍ମୃତି ମନେପକାଇ ସେ କୁହନ୍ତି, 'ସେତେବେଳେ ପ୍ରତି ଗୀତ ପାଇଁ ଆମକୁ ପାଞ୍ଚୋଟି ଚକୋଲେଟ ମିଳୁଥିଲା। ମୋ ସଙ୍ଗୀତ ଶିକ୍ଷା ପଛରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅବଦାନ ସର୍ବଦା ସ୍ମରଣୀୟ। ପ୍ରତିଭାକୁ ସମ୍ମାନ ଦେବା ତାଙ୍କର ଏକ ମହତ୍ ଗୁଣ। ୧୯୬୦ ମସିହାରେ ହିନ୍ଦୁସ୍ତାନୀ ସଙ୍ଗୀତ ଶିକ୍ଷା ପାଇଁ ମୁଁ ମୁମ୍ବାଇ ଚାଲିଗଲି। ଓଡ଼ିଶାରୁ ଫୋନ୍ କରି ମୋ ଗୁରୁଜୀଙ୍କୁ ପଚାରି ବୁଝନ୍ତି ବିଜୁବାବୁ (ମେରି ବଟୀ କୈସି ହେ)। ତେବେ ମୁମ୍ବାଇରେ ଭାରତର ପ୍ରଖ୍ୟାତ ସଙ୍ଗୀତଜ୍ଞ ପ୍ରଫେସର ବି.ଆର. ନବରଙ୍ଗ ଓ ପ୍ରଫେସର ବି.ଆର. ଦେଓଧରଙ୍କ ପାଖରେ ଆରମ୍ଭ ହୋଇଥିଲା ମୋର ହିନ୍ଦୁସ୍ତାନୀ କ୍ଲାସିକାଲ୍ ସଙ୍ଗୀତ ଶିକ୍ଷା। ମୋତେ ଛଅ ବର୍ଷ ବୟସରେ କବି 'କାଳିଦାସ' ଚଳଚ୍ଚିତ୍ରର 'ଶାମଭାଇ ଘନଶ୍ୟାମ ନା ଆୟେ' ଗୀତଟି ମୋ ମନକୁ ବେଶ୍ ଛୁଇଁଥିଲା ; ଯାହାକୁ ସ୍ୱର ସମ୍ରାଜ୍ଞୀ ଲତାଜୀ ଗାଇଥିଲେ। ଖୁବ୍ ଛୋଟଦିନୁ ନିଜ ହୃଦୟରେ ମା' ସରସ୍ୱତୀଙ୍କ ସ୍ଥାନ ଦେଇଥିଲି ତାଙ୍କୁ। ସ୍ୱପ୍ନ ଥିଲା କେବେ ଦିନେ ତାଙ୍କ ସହ ମିଶି ଆଶିଷ ଆଣିବି। ପ୍ରତିଦିନ ଟ୍ୟୁଶନ ସାରି ଫେରିବା ବେଳେ ପେଡର୍ ରୋଡସ୍ଥିତ ତାଙ୍କ ବାସଭବନ ସମ୍ମୁଖରେ ଛିଡ଼ା ହୋଇ ଲତାଜୀଙ୍କ ସଙ୍ଗୀତ ଅଭ୍ୟାସ ଶୁଣିଥାଏ। ଓଃ କି ମଧୁର ସେ ସ୍ୱର। ଆଜି ବି ମନେପଡ଼ିଲେ ଭାବବିହ୍ୱଳ ହୋଇଯାଏ ମୁଁ। ଏପରି ଅନେକ ସ୍ୱର ମୁଁ ଶୁଣି ଶୁଣି ଶିଖିଯାଇଛି। ଏପରି ଦିନେ ମୋତେ ସୌଭାଗ୍ୟ ମିଳିଲା, ହଠାତ୍ ଗୁରୁଜୀଙ୍କ ସହ ଲତାଜୀଙ୍କ ଘରେ ପହଞ୍ଚିଥିଲି, ତାଙ୍କ ପିତାଙ୍କ ଶ୍ରାଦ୍ଧ ବାର୍ଷିକୀରେ। ପ୍ରଥମ ଦେଖାରୁ ଆନନ୍ଦର ଲୁହ ଝରିଥିଲା। ଆଦର ଯତ୍ନରେ କୋଳେଇ ନେଲେ ମୋତେ। ମୋ ଜୀବନର ସବୁଠାରୁ ଶ୍ରେଷ୍ଠ ମୁହୂର୍ତ୍ତ ଥିଲା ସେ ସମୟ। ମୋ ଆଖିରୁ ଲୁହ ପୋଛି, ମୋତେ ମୁମ୍ବାଇରେ ରହିବାର ଅନୁମତି ଦେଇଥିଲେ। ମୁଁ ମଧ୍ୟ ସ୍ଥିର କରିଥିଲି ରହିବା ପାଇଁ, କିନ୍ତୁ ତାହା ହୋଇପାରିଲା ନାହିଁ। ବଡ଼ବାପାଙ୍କ ଅନୁମତି କ୍ରମେ ମୁଁ ମୋ ଜନ୍ମ ମାଟିକୁ ଫେରିଆସିଲି।' ଓଡ଼ିଶାର କଳା ସଂସ୍କୃତିକୁ ବିଶ୍ୱ ଦରବାରରେ ଲୋକପ୍ରିୟ କରିବାରେ ଶ୍ୟାମାମଣି ଦେବୀଙ୍କ ଅବଦାନ ଅତୁଳନୀୟ। ଓଡ଼ିଶୀ ସଙ୍ଗୀତର ବିକାଶ ପାଇଁ ସେ ଫେରିଆସିଲେ ଓଡ଼ିଶା। ଜାରି ରହିଲା ସଙ୍ଗୀତ ଶିକ୍ଷା। କଟକ କଳା ବିକାଶ କେନ୍ଦ୍ରର ପ୍ରିନ୍ସିପାଲ୍, ଓଡ଼ିଶୀ ଗବେଷଣା କେନ୍ଦ୍ର, ଅଲଇଣ୍ଡିଆ ରେଡିଓ ଓ ସଙ୍ଗୀତ ନାଟକ ଏକାଡେମୀରେ ବହୁବର୍ଷ କାର୍ଯ୍ୟ ତୁଲାଇଥିବା ଏହି ସ୍ୱର ସାଧିକା କୁହନ୍ତି– ନୂତନ ଶିଳ୍ପୀମାନେ ପ୍ରଥମେ ଓଡ଼ିଶା ଓ ଓଡ଼ିଶୀ ସଙ୍ଗୀତକୁ ଭଲପାଇବା ଉଚିତ। ବହୁ ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ଥିବା ଶ୍ୟାମାମଣି ଦେବୀ ରାଜ୍ୟ ତଥା ଜାତୀୟ ସ୍ତରରେ ବହୁବାର ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ତନ୍ମଧ୍ୟରେ ସମ୍ମାନଜନକ ସାରଳା ସମ୍ମାନ, ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦଙ୍କଠାରୁ ସମ୍ମାନ, ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କଠାରୁ ସମ୍ମାନ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଆୱାର୍ଡ , କବିଚନ୍ଦ୍ର ଆୱାର୍ଡ, କବିସମ୍ରାଟ ଉପେନ୍ଦ୍ରଭଞ୍ଜ ଆୱାର୍ଡ, ଘୁଙ୍ଗୁର ସମ୍ମାନ ଇତ୍ୟାଦି ପ୍ରମୁଖ ଅଟେ। ୧୯୬୦ ଦଶକରେ ନୂଆବୋଉ, ଶ୍ରୀକୃଷ୍ଣ ରସଲୀଳା, ଦସ୍ୟୁରତ୍ନାକର ପରି ବହୁ ସଫଳ ଚଳଚ୍ଚିତ୍ରରେ କଣ୍ଠଦାନ କରିଥିବା ଶ୍ୟାମାମଣି ଦେବୀ ପରିବର୍ତ୍ତିତ ପରିସ୍ଥିତିରେ ନିଜକୁ ପରିବର୍ତ୍ତନ କରିପାରିନାହାନ୍ତି। ପୁଣେସ୍ଥିତ ଗନ୍ଧର୍ବ ମହାବିଦ୍ୟାଳୟରୁ ହିନ୍ଦୁସ୍ତାନୀ ସଙ୍ଗୀତରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ଓଡ଼ିଶାର ଏହି ଅନନ୍ୟ ସ୍ୱର ସାଧିକା କେବଳ ଓଡ଼ିଆ ନୁହେଁ, ଗୁଜରାଟୀ, ମରାଠୀ, ହିନ୍ଦୀ ଓ ବଙ୍ଗାଳୀ ଭାଷାରେ ଗାୟନକରି କୋଟି କୋଟି ଶ୍ରୋତାଙ୍କ ଭଲପାଇବା ସାଉଁଟିଛନ୍ତି। ଏକଦା ବମ୍ବେ ରେଡିଓରେ ସ୍ଥାୟୀ କଳାକାରର ସ୍ୱୀକୃତି ପାଇଥିବା ଶ୍ୟାମାମଣି ଦେବୀ ୮୨ ବର୍ଷ ବୟସରେ ମଧ୍ୟ ନିଜର ସଙ୍ଗୀତ ସାଧନା ଜାରି ରଖିଛନ୍ତି। ଶାରୀରିକ ଅସୁସ୍ଥତା ହାର ମାନିଛି, ସଙ୍ଗୀତ ହିଁ ବଞ୍ଚିବାର ରାହା ଦେଖେଇଛି ତାଙ୍କୁ। ଏ ଜୀବନରେ କେବଳ ଗୋଟିଏ ଅବସୋସ ରହିଗଲା। ମୁଁ ଅଧିକା କିଛି ଶିଖିପାରିଲିନି। ପ୍ରବଳ ଇଚ୍ଛା ଶକ୍ତି ଅଛି ମୋ ମନରେ। ବହୁତ କିଛି ଶିଖିବାକୁ ଇଚ୍ଛା ରଖିଥିଲି ; ଯାହା ଏ ଜନ୍ମରେ ସମ୍ଭବ ନୁହେଁ। ମୁଁ ପୁନଃ ଜନ୍ମ ନେଇ କେବଳ ଶିଖିବାକୁ ଚାହୁଁଛି ବୋଲି କୁହନ୍ତି ଶ୍ୟାମାମଣି ଦେବୀ।

–ପ୍ରିୟମ୍ବଦା ରଥ(ହାଇଦ୍ରାବାଦ)







# ମୁଁ ନ ଥିବି

–ଭରତ ଚନ୍ଦ୍ର ଦାଶ

ମୁଁ ନ ଥିବି
ମଧ୍ୟ ରାତ୍ରୀର ଠିକ୍ ମଝିରୁ
ଚର୍ଚ୍ଚା ଜୋର ଧରିବ
ହିସାବ ନିକାଶର ଫର୍ଦ୍ଦ
ପ୍ରସ୍ତୁତ ହେବ ସଫଳତା
ବିଫଳତାକୁ ନେଇ ଲମ୍ବିଚାଲିବ
ତାଲିକା ଲେଖାଥିବ ମୋର
କର୍ମ ଅକର୍ମ ଓ ସତ୍କର୍ମର ବିଶେଷ
ବିବରଣୀ ପୁଣି ଲାଲ କାଳିରେ।

ମୁଁ ନଥିବି
ମୁଁ ଆସେ ଯାଏ
ସମୟର ଠିକ୍ ଗୋଟିଏ
ଘୂର୍ଣ୍ଣନ ପରେ
କାହିଁ ଏତେ ତର୍କ ବିତର୍କ
ହୁଏନି ତ କାଳଖଣ୍ଡରେ
ଜନତାଙ୍କ ବଡଦାଣ୍ଡରେ
ଏବେ କିନ୍ତୁ
ମୋତେ ନେଇ ଅନେକ ଚର୍ଚ୍ଚା
ପର୍ଦ୍ଦାରେ ପୃଷ୍ଠାରେ ପୁଣି
କଥାକୁହା ଶିକ୍ଷାବର୍ଜିତ ତୁଣ୍ଡରେ।

ମୁଁ ନଥିବି
କାଳଖଣ୍ଡର ଏହି
ଅଲୋଡା ଅଖୋଜା ପୃଷ୍ଠାରେ
ମୋ ସ୍ୱପ୍ନିଳ ସୃଜନରେ
ଶବ୍ଦ ଓ ସମ୍ଭାବନାମାନ
ଗୁନ୍ଥି ହୋଇଯାଇଥିବେ
କବିତା ରୂପରେ ଥିବ
ପାଠକର ହୃଦ ଦର୍ପଣରେ
ପ୍ରତିବିମ୍ବିତ ହେଉଥିବ
ନିରନ୍ତର ଯୁଗରୁ ଯୁଗାନ୍ତର ଯାଏ।

–ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର –୭୫୬ ୧୨୬
ମୋ: ୯୪୩୭୩୭୨୧୬୬

# ମାରୀଚିକା

–ଜ୍ଞାନେନ୍ଦ୍ର କୁମାର ପଣ୍ଡା

ପୁଣ୍ୟତୋୟା ଗୋ !
ବିଦଗ୍ଧ ମୁଁ
ତୁମ ଅନୁରାଗରେ
ମୋ ଆଖିର ନିଦପକ୍ଷୀ
ତୁମ ପାଖେ
ଉଡ଼ିବୁଲେ...

ଅବାକ ସେ ପକ୍ଷୀ ଫେରେ
କହେ ପୁଣି କାନରେ
ପ୍ରେମ ମିଳେନାହିଁ
ମାଗିଲେ...।

–ସୁନ୍ଦରୀ, ସୁନହଟ
ବାଲେଶ୍ୱର – ୨
ମୋ: ୯୮୬୧୧୧୬୩୮୦

# ଶୀତ : ଦୁଇଟି ସ୍କେଚ୍

–ହିମାଂଶୁ ଆଚାରୀ

## ଏକ

ବୋଉର ସମ୍ପତ୍ତି କହିଲେ କେବଳ ସେଇ ପୁରୁଣା କାଠ ବକ୍ସ ଯାହା ଏବେ ଆମ ନୂଆଘରର ଷ୍ଟୋର ରୁମ୍ ର ଗୋଟିଏ ପାର୍ଶ୍ୱରେ କଏଦ୍ । ସେଥିରେ କିଛି ପୁରାଣ, ପୋଥି, ଶେଥା ପଡ଼ିଥିବା କଳାଧଳା ଫୋଟୋ ଏବଂ ବାପା କିଣି ଦେଇଥିବା ବାଦାମୀ ରଙ୍ଗର ଏକ ଶାଲ୍ । ସହରକୁ ଶୀତ ଛୁଇଁଲେ ବୋଉକୁ ଲୋଡା ପଡେ ଷ୍ଟୋର ରୁମ୍‌ର ଚାବି ।

ଏ ବର୍ଷ ଶୀତ ଆଗରୁ ହିଁ ଉଟିରୁ କିଣି ଆଣିଥିବା ଶାଲ୍‌ଟିକୁ ଖୁବ୍ ଶ୍ରଦ୍ଧାରେ ବୋଉ ଉପରେ ଘୋଡେଇଲା ବେଳେ ଭାବିଲି ସେ ଆଉ ପୁରୁଣା ଶାଲ୍ କଥା ମନକୁ ଆଣିବ ନାହିଁ । ସତକୁ ସତ ସେ କିଛି କହିଲାନି ସିନା ତା ନିରବ ଆଖି ଦ୍ୱୟକୁ ଷ୍ଟୋର ରୁମ୍ ଆଡ଼କୁ ପହଁରେଇ ଆଣି ଆଉ ଟିକେ ଗମ୍ଭୀର ଦେଖାଗଲା । ଲାଗିଲା, ସତେ ଯେମିତି ସେ କହିବାକୁ ଚାହୁଁଛି ଏଇ ନୂଆ ଶାଲ୍‌ରେ ଉନ୍ମାଦନା ଥାଇପାରେ କିନ୍ତୁ ସେ ପୁରୁଣା ଶାଲ୍ ମୋ ମଧୁର ଅତୀତକୁ ଏଯାଏଁ ଉଷୁମ ରଖିଛି ।


## ଦୁଇ

ଦୁଇ ଦିନର ଚଳଚଞ୍ଚଳ ଦିନଚର୍ଯ୍ୟା ଓ ବ୍ୟସ୍ତତା ଭିତରେ ବି ମାଧବୀଙ୍କ ପ୍ୟାକିଂ ସମାନ୍ତରାଳ ଭାବରେ ଜାରି ରହିଥାଏ। ଆସନ୍ତା କାଲି ସେ ଦୀପୁନକୁ ଧରି ବାପଘରକୁ ଯିବେ ବୋଲି ଯେଉଁ ଖୁସିକୁ ହାତେଇଥିଲେ ତା'ର ପରିମାପ କରୁ ନ ଥିଲେ ବରଂ ଉପଭୋଗ କରୁଥିଲେ ସିଦ୍ଧାର୍ଥ, ବେଶ୍ ନୀରବରେ । ମାତ୍ର ପନ୍ଦର ଦିନ ପାଇଁ ଯିବେ ବୋଲି ଅନୁମତି ପାଇବା ପରଠୁଁ ମାଧବୀଙ୍କ ଖୁସି ଉତୁରି ଆସୁଥିଲା କେତେବେଳେ ଆଖିରୁ ଓ କେତେବେଳେ ଓଠରୁ ।

– ଗୋଟିଏ କଥା କୁହନ୍ତି, ରଖିବ ! ଖୁବ୍ ଗେହ୍ଲେଇ ହେଇ ମାଧବୀ କହିଲେ । ସିଦ୍ଧାର୍ଥଙ୍କ ନୀରବ ସମ୍ମତି ପାଇ ଅନୁନୟ ଢଙ୍ଗରେ ପୁନଶ୍ଚ କହିଲେ : 'ଏ ବର୍ଷ ଖୁବ୍ ଜୋର୍‌ରେ ଶୀତ ପଡ଼ିଲାଣି । ମୋ ପାଇଁ ଆଣିଥିବା ଶାଲ୍‌ଟି ମୁଁ ବାପାଙ୍କୁ ଗିଫ୍ଟ କରିବି ଭାବୁଛି। ସେ ନିଜ ପାଇଁ କେବେ ବି କିଛି କିଣନ୍ତି ନାହିଁ' – ହଁ, ଏଥିରେ ପଚାରିବାର କ'ଣ ଅଛି ଯେ ! ନିଅ, ବାପା ଖୁସି ହେବେ ନିଶ୍ଚୟ । ସିଦ୍ଧାର୍ଥଙ୍କ କଣ୍ଠରୁ ନିଗିଡି ପଡୁଥିଲା ଆତ୍ମୀୟତାରେ ଭିଜା ଭିନ୍ନ ଏକ ସ୍ୱର !!

ସଂପାଦକ– ଚନ୍ଦନଧାରା, ଉମରକୋଟ, ନବରଙ୍ଗପୁର
ମୋ: ୯୭୭୭୧୫୫୫୦୮






ରିଚା

# ଭାଗ୍ୟବତୀ ରିଚା

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢ଼ାଳିବା। ଏପରି ସୁଯୋଗ ଯେ ହଠାତ୍ ଆସିବ ତାହା ସେ କେବେ କଳ୍ପନା କରିପାରୁନାହାନ୍ତି। କଥା କ'ଣ କି ନିକଟରେ ସେ ଗୋଟିଏ ବ୍ୟାନରରେ ନିର୍ମିତ ହେବାକୁ ଯାଉଥିବା ଦୁଇଟି ସିନେମାରେ ଅଭିନୟ କରିବେ। ହେଲେ ଏହି ଫିଲ୍ମଦ୍ୱୟ ପାଇଁ ତାଙ୍କୁ ଯେ ଅଧିକ ପାରିଶ୍ରମିକ ମିଳିବ ତାହା ସେ କେବେ କଳ୍ପନା କରି ନ ଥିଲେ। ଏ ସମ୍ପର୍କରେ ରିଚା କହନ୍ତି, 'ଏହି ଦୁଇଟି ସିନେମାରେ ମୋତେ ଭିନ୍ନ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ହେଲେ ଏଥିପାଇଁ ମୋତେ ଅଧିକ ପାରିଶ୍ରମିକ ଦିଅନ୍ତୁ ବୋଲି ମୁଁ ପ୍ରଯୋଜନା ସଂସ୍ଥାକୁ କଦାପି କହି ନ ଥିଲି। ସେମାନେ ନିଜ ପଟରୁ ଏ ନେଇ ମୋତେ ସୂଚନା ଦେଇଛନ୍ତି। ତେବେ ସେକଥାକୁ ନେଇ ଅଧିକ ଆଲୋଚନା କରିବାକୁ ଚାହୁଁନାହିଁ। ଏଭଳି ଭୂମିକାକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଆଉ ଏକ ଖାସ୍ କଥା, ଏହି ବ୍ୟାନରରେ ଆଗକୁ ଆଉ କେତୋଟି ସିନେମା ନିର୍ମାଣ ହେବାର ଯୋଜନା ରହିଛି ଏବଂ ସେଗୁଡିକରେ ବି ମୁଁ ଅଭିନୟ କରିବାର ଯୋଜନା ରହିଛି। ଯେକୌଣସି ସିନେମା ସାଇନ୍ କରିବା ପୂର୍ବରୁ ମୁଁ ତାହାର କାହାଣୀକୁ ଭଲ ଭାବରେ ତର୍ଜମା କରିଥାଏ। କେବଳ ସେତିକି ନୁହେଁ, ସେଥିରେ ମୋତେ ମିଳିଥିବା ଭୂମିକାକୁ ମୁଁ ଠିକ୍ ଭାବରେ ତୁଲାଇ ପାରିବି କି ନାହିଁ ସେ ନେଇ ଭଲ ଭାବରେ ଚିନ୍ତା କରେ। ତା'ପରେ ସେଥିରେ ଅଭିନୟ କରିବାକୁ ହଁ ଭରିଥାଏ।' ତେବେ ଏହି ଫିଲ୍ମଗୁଡିକ ରିଚାଙ୍କ କ୍ୟାରିୟରକୁ କି ମୋଡ ଦେବ ତାହା ଦେଖିବାକୁ ବାକି ରହିଲା।

# ଝୁରୁଛନ୍ତି ଜାହ୍ନବୀ

ଷ୍ଟାର କିଡ୍ ଜାହ୍ନବୀ କପୁର ଏବେ ଗୋଟିଏ କଥାକୁ ଝୁରି ହେଉଛନ୍ତି। କଥା କ'ଣ କି ଯେତେବେଳେ ତାଙ୍କର ମା' ତଥା ବିଗତ ଦିନର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଶ୍ରୀଦେବୀ ବଞ୍ଚିଥିଲେ ସେତେବେଳେ ତାଙ୍କୁ କ୍ୟାମେରା ସାମ୍ନା କରିବା ସମୟରେ ମନରେ ଭୟ ଆସୁ ନ ଥିଲା। କାରଣ କ'ଣ ଜାଣନ୍ତି ? ଶୁଟିଂ ସମୟରେ ସେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ଶ୍ରୀଦେବୀଙ୍କ ନିକଟରୁ ଟିପ୍ସ ନେବାକୁ ଭୁଲୁ ନ ଥିଲେ। ଏ ନେଇ ଜାହ୍ନବୀ କହନ୍ତି, 'ମମି ଯେତେବେଳେ ବଞ୍ଚିଥିଲେ ସେତେବେଳେ ସେ ମୋତେ ସବୁ କ୍ଷେତ୍ରରେ ଗାଇଡ୍ କରୁଥିଲେ। ସିନେମାର ଭୂମିକା ବିଷୟରେ ମୁଁ ତାଙ୍କ ସହ ବିଷଦ ଭାବରେ ଆଲୋଚନା କରୁଥିଲି। ସେତେବେଳେ ସେ ମୋ ସହ ଶୁଟିଂ ସେଟ୍‌କୁ ଯାଉଥିଲେ। ତେଣୁ ଶଟ୍ ଦେବା ସମୟରେ ମୋତେ ଭୟ ଲାଗୁ ନ ଥିଲା। ଏବେ ମୁଁ ଅବଶ୍ୟ ନିଜକୁ ମାନସିକ ସ୍ତରରେ ଏ ନେଇ ଦୃଢ଼ କରିସାରିଛି। ହେଲେ ଅନେକ ସମୟରେ ମୋ ମମିଙ୍କ କଥା ମନେ ପଡୁଛି। ବର୍ତ୍ତମାନ କୌଣସି ସମସ୍ୟା ହେଲେ ମୁଁ ପାପା (ବୋନି କପୁର)ଙ୍କ ସହ ଆଲୋଚନା କରୁଛି। ନିକଟରେ ମୁଁ କେତୋଟି ଅଫର ହାତଛଡା କରିଛି। କାରଣ ସେହି ଫିଲ୍ମଗୁଡିକର କାହାଣୀ ଏବଂ ସେଥିରେ ମୋ ଭୂମିକା ମୋତେ ପ୍ରଭାବିତ କରିପାରି ନ ଥିଲା। ଏଣୁତେଣୁ ଗୁଡାଏ ସିନେମାରେ ଅଭିନୟ କରିବାକୁ ମୁଁ ଚାହେଁନା। କାରଣ ଏବେଠାରୁ ମୋତେ କ୍ୟାରିୟର ପ୍ରତି ସଚେତନ ହେବାକୁ ପଡିବ। ତେଣୁ ମାପି ଚୁପି ପାଦ ପକାଉଛି।' ଅନ୍ୟପକ୍ଷରେ ଲସି ସହ ମଲାଇ ପିଇବାକୁ ପସନ୍ଦ କରିଥାଆନ୍ତି ଜାହ୍ନବୀ। ସେ ସବୁବେଳେ ପିଙ୍କ୍ ରଙ୍ଗର ପାଣି ବୋତଲ ବ୍ୟବହାର କରିଥାଆନ୍ତି।


ଜାହ୍ନବୀ


ଅକ୍ଷୟ କୁମାର

# ଗ୍ୟାଙ୍ଗଷ୍ଟରର ଅବତାର

କେତେବେଳେ ଆକ୍ସନ ତ କେତେବେଳେ କମେଡି, ଏପରି ବିଭିନ୍ନ ଚରିତ୍ରରେ ଅଭିନୟ କରିସାରିଛନ୍ତି ବଲିଉଡ୍‌ର ଅନ୍ୟତମ ବ୍ୟସ୍ତ ଅଭିନେତା ଅକ୍ଷୟ କୁମାର। ରିଲିଜ ଅପେକ୍ଷାରେ ଥିବା ଚଳଚ୍ଚିତ୍ର 'ବଚ୍ଚନ ପାଣ୍ଡେ'ରେ ଅକ୍ଷୟ ଗ୍ୟାଙ୍ଗଷ୍ଟର ଭୂମିକାରେ ଅଭିନୟ କରୁଛନ୍ତି। ଏହି ଫିଲ୍ମଟି ଚଳିତବର୍ଷ ମାର୍ଚ୍ଚ ୧୮ରେ ପରଦା ଉପରକୁ ଆସିବ। ଏ ନେଇ ଅକ୍ଷୟ କହନ୍ତି, 'ଏପରି ଗେଟଅପରେ ମୁଁ ପ୍ରଥମ ଥର ଆସୁଛି। ଯେତେବେଳେ ମୁଁ ଏହି ରୋଲ୍ (ବଚ୍ଚନ ପାଣ୍ଡେ) ପାଇଁ ପ୍ରଥମେ ମେକଅପ ନେଇସାରିଲି ସେତେବେଳେ ଆଇନାରେ ନିଜକୁ ଦେଖି ଏତେ ଖୁସି ଲାଗିଲା ଯେ ତାହା ବର୍ଣ୍ଣନା କରିପାରିବି ନାହିଁ।' ସାଜିଦ ନାଦିଆଦୱାଲାଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଫରହାଦ୍ ସାମ୍‌ଜୀ।


ସର୍ଟଫିଲ୍ମ 'ସବୁ କିଛି ଆଖି ପାଇଁ'ର ଏକ ଦୃଶ୍ୟ

# ସବୁ ଜାଣେ ଆଖି

ଆଖି ଦ୍ୱାରା ଅନେକ କଥା କହିହୁଏ। ଆଖିର ଇସାରାରେ ଆରମ୍ଭ ହୁଏ ପ୍ରେମ। ଏହାକୁ ନେଇ ପ୍ରସ୍ତୁତ ହୋଇଛି ଏକ ଭିନ୍ନ ଧରଣର ସର୍ଟ ଫିଲ୍ମ 'ସବୁ କିଛି ଆଖି ପାଇଁ'। ଜିଆରଏସ ଫିଲ୍ମସ ବ୍ୟାନରରେ ଏହା ନିକଟରେ ରିଲିଜ୍ ହୋଇଯାଇଛି । ଉକ୍ତ ସର୍ଟ ଫିଲ୍ମର ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ସ୍ମିତ ପଟ୍ଟନାୟକ। ପ୍ରଯୋଜନା କରିଛନ୍ତି ଜ୍ଞାନ ରଞ୍ଜନ ଶତପଥି। 'ଏହାର କାହାଣୀ ଚୟନ ସମୟରେ ଆମେ ବେଶ୍ କିଛି ମାସ ଥଣ୍ଡା ମନରେ ବିଚାର କରିଥିଲୁ। ଏହି କାହାଣୀ କେବଳ ଯୁବପିଢ଼ୀ ନୁହେଁ, ସବୁ ବର୍ଗର ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇ ପାରିବ ବୋଲି ମୋର ବିଶ୍ୱାସ ରହିଛି। ବିଶେଷ ଭାବରେ ଯୁବପିଢ଼ୀଙ୍କୁ ଆଖି ଆଗରେ ରଖି ଏହାକୁ ନିର୍ମାଣ କରାଯାଇଛି। ରିଲିଜ ପରେ ଦର୍ଶକ ଏହାକୁ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ କଥା। ଭବିଷ୍ୟତରେ ଏପରି ସୁନ୍ଦର କାହାଣୀକୁ ଆଧାର କରି ସର୍ଟ ଫିଲ୍ମ ନିର୍ମାଣ କରିବାର ଯୋଜନା ରହିଛି ବୋଲି କହନ୍ତି ପ୍ରଯୋଜକ।' ଏଥିରେ ଅଭିନୟ କରିଛନ୍ତି ସୋଭନ ସାମଲ, ପାୟଲିଆ,ଅଭିଷେକ ପଣ୍ଡା। ଏହାପୂର୍ବରୁ 'ମରିଚୀକା', 'ଛକିଶୂନ', 'ନିଶବ୍ଦ ସହର' ଆଦି ସର୍ଟ ଫିଲ୍ମର ନିର୍ଦ୍ଦେଶନା ଦେଇସାରିଛନ୍ତି ସ୍ମିତ ପଟ୍ଟନାୟକ। ଏଥିରେ ସଂଯୋଜିତ 'ସବୁ କିଛି ଜାଣେ ଆଖି' ଗୀତଟିକୁ ରଚନା କରିଛନ୍ତି ସ୍ମିତ ପଟ୍ଟନାୟକ ଏବଂ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ। କଣ୍ଠଦାନ କରିଛନ୍ତି ହ୍ୟୁମ୍ୟାନ ସାଗର ଏବଂ ଅସୀମା ପଣ୍ଡା।


ପରିଣିତୀ

# ଚାଲିଛି କାହାଣୀ ଖୋଜା

ପରିଣିତୀ ଚୋପ୍ରା ଏବେ ଗୋଟିଏ ଜିନିଷ ଖୋଜିବାରେ ବ୍ୟସ୍ତ। ତାହା କ'ଣ ଜାଣନ୍ତି ? ଏକ ଆକ୍ସନଭିତ୍ତିକ କାହାଣୀ ସନ୍ଧାନରେ ଅଛନ୍ତି ସେ। ଏ ନେଇ ତାଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି ପ୍ରିୟଙ୍କା ଚୋପ୍ରା। ହେଲେ ହଠାତ୍ ତାଙ୍କର ଏମିତି ଆକ୍ସନଭିତ୍ତିକ କାହାଣୀ ଖୋଜିବା ପାଇଁ ଆଗ୍ରହ ହେଲା କାହିଁକି ? ଏ ସମ୍ପର୍କରେ ପରିଣିତୀ କହନ୍ତି, 'ନିକଟରେ ମୁଁ କେତୋଟି ହଲିଉଡ୍ ଫିଲ୍ମ ଦେଖିଥିଲି, ଆଉ ସେଗୁଡିକ ଆକ୍ସନ ଉପରେ ଆଧାରିତ ଥିଲା। କିଛି ସପ୍ତାହ ପୂର୍ବରୁ ମୋର ଜଣେ ପ୍ରଯୋଜକଙ୍କ ସହ ଦେଖା ହୋଇଥିଲା। ଫିଲ୍ମ ବିଷୟରେ ଆଲୋଚନା ହେବା ସମୟରେ ସେ ମୋତେ ଆକ୍ସନ ରୋଲ୍ ପ୍ରତି ଧ୍ୟାନ ଦେବାକୁ କହିଥିଲେ। କେବଳ ସେତିକି ନୁହେଁ, ଏକ ଦମଦାର ଆକ୍ସନଭିତ୍ତିକ କାହାଣୀଟିଏ ଖୋଜିବାକୁ ସେ ମୋତେ ପରାମର୍ଶ ଦେଇଛନ୍ତି। ତା'ପରେ ମୁଁ ଏ ନେଇ ପ୍ରିୟଙ୍କାଙ୍କ ସହ ଯୋଗାଯୋଗ କରିଥିଲି। ସେ ମୋତେ ଏ ନେଇ କେତୋଟି ଟିପ୍ସ ଦେଇଛନ୍ତି। ଏବେ ମୁଁ ସେଇଭଳି ଏକ କାହାଣୀ ଖୋଜିବାରେ ବ୍ୟସ୍ତ ଅଛି।'


ଦୀପିକା

# ପତ୍ନୀ ହେବ ତ ଏମିତି

କେତେବେଳେ କେମିତିକା କଥା କହିଲେ ତାହା ଚର୍ଚ୍ଚା ପାଇଁ ଖୋରାକ ଯୋଗାଇଥାଏ ତାହାର କାଇଦା ଦୀପିକାଙ୍କୁ ମାଲୁମ। ଦେଖୁନାହାନ୍ତି, ନିଜ ବଲିଉଡ୍ କ୍ୟାରିୟରକୁ ନେଇ ସେ ଏପରି କଥା କହିଛନ୍ତି ଯେ, ଯାହାକୁ ନେଇ ଆଲୋଚନା ଥମିବାର ନାଁ ନେଉନାହିଁ। କେଉଁ ଅଭିନେତାଙ୍କ ସହ ତାଙ୍କର କେମେଷ୍ଟ୍ରି ବେଶ୍ ଜମିଥାଏ–ଏପରି ପ୍ରଶ୍ନର ଉତ୍ତରରେ ଦୀପିକା କ'ଣ କହିଛନ୍ତି ଜାଣନ୍ତି ? 'ସତ କଥା କହିବାକୁ ଗଲେ ମୋ ପତିଦେବଙ୍କ ସହ ମୋର କେମେଷ୍ଟ୍ରି ବେଶ୍ ଜମିଥାଏ। ନିକଟରେ '୮୩'ରେ ଆମ ଯୋଡିକୁ ଦର୍ଶକ ପ୍ରଶଂସା କରିଛନ୍ତି। ତାଛଡା କୌଣସି ଫିଲ୍ମରେ ମୋ ଅପୋଜିଟ୍‌ରେ ଯିଏ ଅଭିନୟ କରୁ ନା କାହିଁକି ମୁଁ ନିଜ ଅଭିନୟ ପ୍ରତି ଗୁରୁତ୍ୱ ଦେଇଥାଏ। ହେଲେ ରଣବୀରଙ୍କ ସହ ଆକ୍ଟିଂ କରିବାର ମଜା ଅଲଗା। ସେ ଅଭିନୟ କରିଥିବା ପ୍ରତିଟି ସିନେମା ମୁଁ ଦେଖିଛି।ସେ ମଧ ମୋ ଅଭିନୀତ ଫିଲ୍ମ ଦେଖି ସେଥିରେ ମୋର ତ୍ରୁଟିର ସମାଧାନ ପାଇଁ ଟିପ୍ସ ଦିଅନ୍ତି। ଏ ନେଇ ତାଙ୍କୁ ମୁଁ ଯେତେ ପ୍ରଶଂସା କରିବି ସେତେ କମ୍ ହେବ।'

# ପ୍ରଥମ ରୋଜଗାର ବାପାଙ୍କୁ ଦେଇଥିଲି

ନୟାଗଡ଼ରେ ମୋର ଜନ୍ମ ଆଉ ପାଠପଢା। ସ୍ଥାନୀୟ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ନୟାଗଡ଼ କଲେଜରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ପଢିଲି। ତା'ପରେ ବାଣୀବିହାରରେ ଓଡ଼ିଆରେ ପି.ଜି କଲି। ପି.ଜି ଶେଷ ହେବାର କିଛିଦିନ ପରେ ଅର୍ଥାତ୍ ୧୯୮୮ରେ ନୟାଗଡ଼ ଚିନି କଳରେ ଜୁନିୟର୍ ଆସିଷ୍ଟାଣ୍ଟ ଭାବେ ମୋତେ ଚାକିରି ମିଳିଲା। ବେତନ ମାସକୁ ୯୦୦ ଟଙ୍କା। ପ୍ରଥମ ମାସ ଯେବେ ଦରମା ପାଇଲି ଖୁସିରେ ବାପାଙ୍କୁ ଆଣି ଦେଲି। ବାପାବୋଉ ବହୁତ ଖୁସି ହେଲେ। କିନ୍ତୁ ସେମାନେ ଟଙ୍କା ରଖିଲେନି। ମୋତେ ଫେରାଇ ଦେଇ କହିଲେ, ଆମର ଟଙ୍କା କ'ଣ ହେବ ତୁ ରଖ ଖର୍ଚ୍ଚ କରିବୁ। ବାପାବୋଉଙ୍କର ମୁଁ ଗୋଟିଏ ବୋଲି ପୁଅ ଥିଲି। ବାପା ବି ପେନ୍‌ସନ୍ ପାଉଥିଲେ। ମୋ ଉପରେ ଘରର ଦାୟିତ୍ୱ ସେମିତି କିଛି ନଥିଲା। ତେଣୁ ଦରମା ଟଙ୍କାକୁ ମୁଁ ମୋ ହିସାବରେ ଖର୍ଚ୍ଚ କଲି। ୨୦୦୦ ମସିହା ପର୍ଯ୍ୟନ୍ତ ଏମିତି ଚାଲିଲା। ତା'ପରେ ଉକ୍ତ ଚିନି କଳଟିକୁ ବନ୍ଦ କରିଦେବାକୁ ସରକାର ନିଷ୍ପତି ନେବାରୁ ଚାକିରିରୁ ଭିଆର୍‌ଏସ୍ ନେଇଗଲି। ଆଉ ୨୦୦୧ରେ 'ସମ୍ବାଦ ପରମ୍ପରା' ନାମରେ ଏକ ସାପ୍ତାହିକ ଖବରକାଗଜ ନୟାଗଡ଼ରୁ ପ୍ରକାଶ କଲି, ଯାହା ଏବେ ବି ଚାଲିଛି। ତା'ସହିତ ପରମ୍ପରା ପ୍ରକାଶନ ନାମରେ ଏକ ପ୍ରକାଶନ ସଂସ୍ଥା ମଧ୍ୟ ମୋର ଅଛି। ଏଥିସହିତ କବିତା, ନାଟକ, ପ୍ରବନ୍ଧ, ସମାଲୋଚନ ମୂଳକ ଲେଖା ଲେଖିବାରେ ବି ଖୁବ୍ ରୁଚି ରହିଛି। ୟା' ଭିତରେ ତିନୋଟି କବିତା ସଂକଳନ ମୋର ପ୍ରକାଶ ପାଇସାରିଲାଣି ; ଯଥା: 'ରାଧିକା', 'ଓଢଣା ତଳର ଶୀତ', 'ବିବିଧ ବର୍ଣ୍ଣା'। ସେହିପରି ନୟାଗଡ଼ର କେତେଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ଜାଣିବା ପାଇଁ ମୁଁ 'ନୟାଗଡ଼ର ଗର୍ବ ଓ ଗୌରବ' ନାମକ ଏକ ପୁସ୍ତକ ସଂକଳନ ମଧ୍ୟ କରିଛି। 'ସ୍ମରଣିକା ନାଟ୍ୟରଥି ଗୋବିନ୍ଦ ଚନ୍ଦ୍ର ଶୂରଦେଓ' ନାମରେ ମୋର ଆଉ ଏକ ସଂକଳନ ମଧ୍ୟ ରହିଛି। କେବଳ ଏତିକି ନୁହେଁ 'ଭକ୍ତର ଭଗବାନ' ଏବଂ 'ଶ୍ରୀ ନୀଳମାଧବ' ନାମରେ ଦୁଇଟି ନାଟକ ପୁସ୍ତକ ବି ମୋର ପ୍ରକାଶ ପାଇସାରିଛି। ଏଥିସହିତ 'ପରମ୍ପରା' ନାମକ ସାହିତ୍ୟ ଓ ସଂସ୍କୃତି ପରିଷଦର ମୁଁ ହେଉଛି ପ୍ରତିଷ୍ଠାତା। ତା'ଛଡ଼ା ଗତ ଛଅ ବର୍ଷ ହେବ 'ନୟାଗଡ଼ ଲାଇଟ୍' ନାମରେ ଏକ ଇଂରାଜୀ ପାକ୍ଷିକ ଏବଂ ଗତ ବର୍ଷେ ହେବ 'କୁସୁମାଂଜଳି' ନାମକ ଏକ ମାସିକ ସମ୍ବାଦ ଓ ସାହିତ୍ୟ ପତ୍ରିକା ମଧ୍ୟ ମୁଁ ପ୍ରକାଶିତ କରିଆସୁଛି। ଏସବୁବାଦ୍ ନୟାଗଡ଼ ବିକାଶ ପରିଷଦର ମୁଁ ହେଉଛି ଆଜୀବନ ସଦସ୍ୟ। ତା'ସହିତ ନୟାଗଡ଼ ସାର୍ବଜନୀନ ଦୁର୍ଗାପୂଜା ସମିତିର ଆଜକୁ ୧୧ ବର୍ଷ ହେବ ସଭାପତି ଦାୟିତ୍ୱ ମୁଁ ତୁଲାଇଆସୁଛି। ଏହାଛଡ଼ା ଅଧ୍ୟାପକ ହେବାର ଇଚ୍ଛା ଥିବାରୁ ମଝିରେ କିଛିଦିନ ଚୁକ୍ତି ଭିତ୍ତିକ ଅଧ୍ୟାପକ ଭାବେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏବଂ ରଘୁନାଥ ସମବାୟ ମହାବିଦ୍ୟାଳୟରେ କାମ କରିଥିଲି। କିନ୍ତୁ ଆଖି ଦୃର୍ଶିଆ ଦରମା ନ ମିଳିବାରୁ ସେ ଚାକିରି ବି ଛାଡିଦେଇ ଲେଖାଲେଖିକୁ ଅଧିକ ଗୁରୁତ୍ୱ ଦେଲି। ତେଣୁ ମୁଁ ଆଜି ଯେଉଁ ସ୍ଥାନରେ ପହଁଞ୍ଚିଛି ତା'ପଛରେ ଭଗବାନ ଏବଂ ମୋ ବାପା ଓ ଜେଜେବାପାଙ୍କ ଆର୍ଶୀବାଦକୁ ମୁଁ ଶ୍ରେୟ ଦେବି।

**ପ୍ରଥମ ରୋଜଗାର**



କବି, ନାଟ୍ୟକାର, ପ୍ରାବନ୍ଧିକ **ନିର୍ମଳ ଚନ୍ଦ୍ର ଶୂରଦେଓ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ଅଜଣା ପ୍ରେମିକା ରଙ୍ଗୀଲା ମନ ଭାବି ଭାବି ବିତି ଯାଉଛି ଦିନ...



**ସାଥୀ**

**ପ୍ରଶ୍ନ**–ମୋ ପ୍ରେମିକା କଥା ଭାବି ଭାବି ଦିନ ବିତି ଯାଉଛି। ମୋର ଏହି ସପନ କେବେ ପୂରଣ ହେବ କହିବେ କି ସାଥୀ ?

*–ଅମନ୍ ରାଉତ, ବାଲେଶ୍ୱର*

**ଉତ୍ତର:** 'ଅଜଣା ପ୍ରେମିକା ରଙ୍ଗୀଲା ମନ, ଭାବି ଭାବି ବିତି ଯାଉଛି ଦିନ।' କାରଣ ପ୍ରେମର ନିଶା ଥରେ ଘାରିଲେ ମନ ଆକାଶରେ ଉଡିବୁଲେ, ଯାହାକୁ ନିୟନ୍ତ୍ରଣ କରିବା ସହଜ ହୋଇ ନ ଥାଏ। ପୁଣି ଭଲ ମନ୍ଦ ଜଣାପଡି ନ ଥାଏ। ଯାହାକୁ ମନକୁ ମନ ଭଲ ପାଇ ବସିଛନ୍ତି ତା' କଥା ଭାବି ଦିନ ବିତିଯାଉଛି। ତେଣୁ ସେହି ଭାବନା ରାଇଜରୁ ଯେତେ ଶୀଘ୍ର ନିଜକୁ ଦୂରେଇ ନିଅନ୍ତୁ। ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ଅକସ୍ମାତ ଭେଟ ହେଲା, ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ। ପାଣିପାଗ ଯଦି ଠିକ୍ ରହେ, ତା'ପରେ କେବଳ ଧାଡି ଦେଖି ମାଡିଯିବା କଥା।

**ପ୍ରଶ୍ନ**–ପ୍ରେମର ଆରମ୍ଭ ଲାଜରୁ ହୋଇଥାଏ। ଏକଥା ସତ କି ?

*–ଦୀପେନ ସାହୁ, ରାଉରକେଲା*

**ଉତ୍ତର:**କେତେକ କ୍ଷେତ୍ରରେ ଏକଥା ସତରେ ପରିଣତ ହୋଇଥାଏ। କାରଣ ଲାଜେଇ ଝିଅର ଆଖିରେ ପ୍ରେମ ଭରି ରହିଥାଏ। 'ଲାଜୁଆ ଆଖିର ଭିତିରି କଥା ଘଡିକେ ଘୁରାଇ ଦିଅଇ ମଥା'। ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**–ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

*–ଦିବାକର ପୁହାଣ, କଟକ*

**ଉତ୍ତର:**ଗୋଟିଏ ପଟେ ଲେଖିଛନ୍ତି ଯେ ପ୍ରଥମ ପ୍ରେମକୁ ଭୁଲି ପାରୁନି। ସେପଟେ ପୁଣି ଥରେ ପ୍ରେମ ନଈରେ ଡୁବ ପକାଇବାକୁ ମନ ଉତାବିଳା ହେଲାଣି। ଏପରି ଦୁଇ ନାଆରେ ଗୋଡ ଦେଲେ କିଛି ଲାଭ ହେବ ନାହିଁ। ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହା ମନ ଭିତରେ ସେମିତି ଧୁକୁ ଧୁକୁ ହୋଇ ଜଳୁଥିବ। ତେଣୁ ସବୁଠାରୁ ଉତ୍ତମ ହେବ ନିଜ ପ୍ରଥମ ପ୍ରେମରେ ପୂର୍ଣ୍ଣଚ୍ଛେଦ ପକାନ୍ତୁ। ସେହି ପ୍ରେମ ଆଉ ପ୍ରେମିକାକୁ ମନରୁ ପୁରା ପାଶୋରି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।

**ପ୍ରଶ୍ନ**–ଜଣେ ଝିଅକୁ ମୋ ମନର କଥା ଅନେକ ଥର କହି ସାରିଲିଣି। ହେଲେ ଘଟଣା ଆଗକୁ ଆଗଉ ନାହିଁ। କ'ଣ କରିବି ?

*–ଅନିକେତ , କେନ୍ଦ୍ରାପଡା*

**ଉତ୍ତର:** ଆପଣଙ୍କ ପ୍ରେମରେ କେଉଁଠି କେଁ ରହିଯାଉଛି। ଯାହା ଜଣାପଡୁଛି, ଦୁଇ ପଟରୁ ଗ୍ରୀନ୍ ସିଗନାଲ୍ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ ସେଭଳି ପ୍ରେମ ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।



# ଗାଁ ରାସ୍ତାରେ କଳାକୃତି










ବିଭିନ୍ନ ପର୍ବପର୍ବାଣି ଓ ପାରମ୍ପରିକ କଳାକାରିଗରିରେ ଓଡ଼ିଶାର କଳାସଂସ୍କୃତି ସମୃଦ୍ଧ। ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଅନ୍ତର୍ଗତ ବଡ଼କୋଦଣ୍ଡା ଗ୍ରାମ ଏକ କଳାସଂସ୍କୃତି ଓ ଐତିହ୍ୟସମ୍ପନ୍ନ ଗ୍ରାମ ଭାବେ ଭିନ୍ନ ପରିଚୟ ସୃଷ୍ଟି କରିଛି। ଏହି ଗାଁରେ ରହିଛି ବିଭିନ୍ନ ଦେବଦେବୀଙ୍କ ଏକାଧିକ ମନ୍ଦିର। ଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନ କୁହନ୍ତି, ପ୍ରତିବର୍ଷ ପବିତ୍ର କାର୍ତ୍ତିକପୂର୍ଣ୍ଣିମାରେ ଏହି ଗାଁରେ ବିଶ୍ୱପ୍ରସିଦ୍ଧ ଡେରାବେଶ ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ଗ୍ରାମର କଳାକାରମାନଙ୍କ ଦ୍ୱାରା ବାଉଁଶ, ବେତ ଓ କାଠରେ ତିଆରି ବାଘ, ସିଂହ, ବୃଷଭ, ହାତୀ, ମୟୂର, ଛେଳି, ଘୋଡ଼ା ଆଦି ବିଭିନ୍ନ ଜୀବଜନ୍ତୁ ମୂର୍ତ୍ତି ଗଢ଼ା ଯାଇଥାଏ। ଏପରିକି ମହାଭାରତ, ରାମାୟଣ ଆଦି ବିଭିନ୍ନ ପୌରାଣିକ କଥାବସ୍ତୁ ଉପରେ ଆଧାରିତ- ଶ୍ରୀରାମ, ଲକ୍ଷ୍ମଣ, ହନୁମାନ ଓ ନବଗୁଞ୍ଜର ଆଦି ସୁଉଚ୍ଚ ପ୍ରତିମୂର୍ତ୍ତି ଗୁଡ଼ିକୁ ରଙ୍ଗିନ୍ କପଡ଼ା ଓ ବିଭିନ୍ନ ଅଳଙ୍କାରରେ ସୁସଜ୍ଜିତ କରାଯାଇ ଗ୍ରାମର ଶ୍ରୀଜଗନ୍ନାଥ ମନ୍ଦିର ଓ ଶ୍ରୀଗୋପୀନାଥ ମନ୍ଦିର ସମ୍ମୁଖ ବଡ଼ଦାଣ୍ଡର ମଧ୍ୟଭାଗରେ ସଜାଇ ରଖାଯିବା ସହ ସର୍ବସାଧାରଣରେ ପ୍ରଦର୍ଶନ କରାଯାଇଥାଏ। ଏଠାରେ ଆୟୋଜିତ ଡେରାବେଶ କଳାକୃତି ସାଧାରଣ ଲୋକଙ୍କ ପାଇଁ ମନୋରଞ୍ଜନର ଖୋରାକ ଯୋଗାଇଥାଏ। ଏହି ଅବସରରେ ଆଖପାଖ ଗାଁରୁ ବହୁଶ୍ରଦ୍ଧାଳୁ ତଥା ଦର୍ଶକମାନଙ୍କ ଭିଡ଼ ଜମିଥାଏ। ବହୁ ବର୍ଷ ହେବ ଏହି ପର୍ବ ଏଠାରେ ପାଳିତ ହୋଇଆସୁଛି। ଅନ୍ୟପକ୍ଷେ ଗାଁର କଳାକାରଙ୍କୁ ପ୍ରୋତ୍ସାହିତ କରିବା ଓ ଡେରାବେଶ କଳାକୃତିର ପ୍ରଦର୍ଶନ ନିମନ୍ତେ ପ୍ରଚାର ପ୍ରସାର ହୋଇଥାଏ।

ବଡ଼କୋଦଣ୍ଡ ଗାଁରେ ସୁସଜ୍ଜିତ କରି ରଖାଯାଇଥିବା ବିଭିନ୍ନ ପ୍ରକାରର କଳାକୃତିର ସୁନ୍ଦର ସୁନ୍ଦର ମୂର୍ତ୍ତିଗୁଡ଼ିକର ବେଶଭୂଷା ଦର୍ଶକଙ୍କ ମନକୁ ଖୁବ୍ ଆକର୍ଷଣ କରିଥାଏ। ଏହି ଗ୍ରାମର ଡେରାବେଶ ଦେଖିବାକୁ ଆସିଥିବା ଶୁଳପାଣି ଶତପଥୀ କୁହନ୍ତି, 'ଏହି କଳା ଗ୍ରାମଟିରେ ଡେରାବେଶ ଓ ନାମଯଜ୍ଞ କାର୍ଯ୍ୟକ୍ରମ ବାସ୍ତବରେ କଳା ସଂସ୍କୃତିର ପ୍ରଚାର ପ୍ରସାରର ଶ୍ରେଷ୍ଠ ବାର୍ତ୍ତାବହ।' ସେହିଭଳି ସଂସ୍କୃତିପ୍ରେମୀ ନେତାଜୀ ବିଷୋୟୀ କୁହନ୍ତି, 'କାହିଁ କେଉଁ କାଳରୁ ଆଜିଯାଏଁ ଅନୁଷ୍ଠିତ ହୋଇଆସୁଥିବା ଡେରାବେଶ ଦେଖିବା ପାଇଁ ବିଭିନ୍ନ ସ୍ଥାନରୁ ଲୋକମାନେ ଏଇ ଗାଁକୁ ଆସିଥା'ନ୍ତି। ଉକ୍ତ ଗ୍ରାମର କିଛି କଳାକାର ଏହି କଳାକୁ ଦେଶ ବିଦେଶରେ ମଧ୍ୟ ପ୍ରଦର୍ଶନ କରିଆସୁଛନ୍ତି। ତେବେ ସରକାରୀ ପ୍ରୋତ୍ସାହନ ମିଳିଲେ ଗାଁର କଳାକାରମାନେ ଏହାର ବ୍ୟାପକ ପ୍ରଚାର ପ୍ରସାର କ୍ଷେତ୍ରରେ ସହାୟକ ହୋଇପାରନ୍ତେ। ଏହି ଗ୍ରାମରେ ତିଆରି ସୂତା କଣ୍ଢେଇକୁ ସଂଗ୍ରହ କରି ମୁଁ ପିଲାଙ୍କୁ ଶିକ୍ଷାଦାନ କରିବାରେ ବି ବ୍ୟବହାର କରିଛି।'

ମଳୟ ବେହେରା କୁହନ୍ତି, 'ଗ୍ରାମ ମନ୍ଦିର କମିଟି ପକ୍ଷରୁ ଡ଼େରାବେଶ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥାଏ। ମୂର୍ତ୍ତି ତିଆରି ପାଇଁ ଆବଶ୍ୟକ ପଡୁଥିବା ବିଭିନ୍ନ କାଠ, କପଡ଼ା, ମାଳି, ଅଠା ଆଦି ସାମଗ୍ରୀକୁ ବିଭିନ୍ନ ଅଞ୍ଚଳରୁ ସଂଗ୍ରହ କରାଯାଇଥାଏ। ବିଗତ ୨ବର୍ଷ ହେବ କରୋନା ପରିସ୍ଥିତି ପାଇଁ ଏଠାକାର କାରିଗରମାନେ ରୋଜଗାର ହରାଇଛନ୍ତି। ଘରେ ଅନେକ ମୂର୍ତ୍ତି ତିଆରି କରି ରଖିଛନ୍ତି। କିନ୍ତୁ ବିକ୍ରି ହୋଇପାରୁନାହିଁ। ମୂର୍ତ୍ତି ତିଆରି କାମ ଏକ ନିଶା ପାଲଟି ଯାଇଛି।' ବିଜୟ କୁମାର ବିଷୋୟୀ, ତ୍ରିନାଥ ବେହେରା, ଅଭିମନ୍ୟୁ ବାତ୍ୟା, ଚିରଞ୍ଜୀବୀ ସାହୁ, ଜେ. ମନୋଜ କୁମାର ପୃଷ୍ଟି, ନିରଞ୍ଜନ ଦିହୁଡି, ପଞ୍ଚୁ ସ୍ୱାଇଁ, ଶିଳ୍ପୀ ଉମାକାନ୍ତ ମିଶ୍ର ପ୍ରମୁଖ ଏହି ଡେରାବେଶ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବା ସହ ଏହାର ପ୍ରଚାର ପ୍ରସାର ପାଇଁ ପ୍ରୟାସ ଜାରି ରଖିଛନ୍ତି। ପ୍ରତିବର୍ଷ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଏଠାରେ ମୂର୍ତ୍ତି ଗୁଡ଼ିକୁ ଗୋଟିଏ ଦିନ ପ୍ରଦର୍ଶନ କରାଯାଇଥାଏ। ଏଥିପାଇଁ ବର୍ଷର ଅଧିକାଂଶ ସମୟରେ ଶିଳ୍ପୀମାନେ ଏହି କଳାକୃତି କାର୍ଯ୍ୟରେ ନିୟୋଜିତ ରହିଥା'ନ୍ତି। ଡେରାବେଶକୁ ଗାଁର ମୁଖ୍ୟ ରାସ୍ତାରେ ଡେରାଦିଆ ଯାଇ ଅତି ସନ୍ତର୍ପଣରେ ରଖାଯାଇଥାଏ ବୋଲି ଏହାର ନାମ ଡେରାବେଶ ହୋଇଛି। ଏଠାରେ କଳାକୃତି ପ୍ରଦର୍ଶନ କରିବାରେ ସ୍ୱତନ୍ତ୍ର ଭାବେ ଉତ୍ସବ ପାଳନ କରାଯାଇଥାଏ। ଏଥିପାଇଁ ଐତିହ୍ୟ, କଳା, ସଂସ୍କୃତିସମ୍ପନ୍ନ ଗ୍ରାମ ରୂପେ ଏହି ବଡ଼କୋଦଣ୍ଡା ଭିନ୍ନ ପରିଚୟ ସୃଷ୍ଟି କରିଛି।

**– ବାବୁଲା ପ୍ରଧାନ, ବନ ବିହାରୀ ବେହେରା**





## ମଡେଲ୍ ମିରର୍

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

### ସୁପ୍ରିୟା



ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ହେୟାର କଟ୍

ସ୍ୱାମୀ ହେୟାରକଟ୍ କରି ଆସିବା ପରେ ସ୍ତ୍ରୀଙ୍କୁ: ଦେଖିଲ ମୋ ହେୟାରକଟ୍ କେମିତି ହେଇଛି। ମତେ ତ ଲାଗୁଛି ଏଇ ହେୟାରକଟ୍‌ରେ ମୁଁ ତମଠୁ ୧୦ ବର୍ଷ ସାନ ଭଳି ଦେଖାଯାଉଛି।

ସ୍ତ୍ରୀ: ସତ! ଗୋଟେ କାମ କଲନି, ପୂରା ନଣ୍ଡା ହେଇଗଲନି! ସାଙ୍ଗେ ସାଙ୍ଗେ ଜନ୍ମ ହେଲା ଭଳି ଦେଖାଯାଇଥାନ୍ତ।

### ବୟଫ୍ରେଣ୍ଡ

ସ୍ତ୍ରୀ ସ୍ୱାମୀଙ୍କୁ: ଆଜିକାଲି ତମେ ଖାଲି ଅଫିସ୍ ଚିନ୍ତା କରୁଛ। ଘର କଥା ଟିକେ ବି ଭାବୁନ।

ସ୍ୱାମୀ: କାହିଁକି, କ'ଣ କିଛି ହେଇଛି କି?

ସ୍ତ୍ରୀ: ମତେ ଲାଗୁଛି ଆମ ଝିଅ କୋଉ ବୟଫ୍ରେଣ୍ଡ ଚକ୍କରରେ ପଡ଼ିଛି ବୋଧେ।

ସ୍ୱାମୀ: ତମେ କେମିତି ଜାଣିଲ?

ସ୍ତ୍ରୀ: ସେ ପରା ମତେ ଆଉ ତା' ମୋବାଇଲ ରିଚାର୍ଜ କରିବା ପାଇଁ ଟଙ୍କା ମାଗୁନି।

### କିଡ୍‌ନାପର୍

ରାଜାର ସ୍ତ୍ରୀକୁ କିଡ୍‌ନାପ୍ କରି କେହି ନେଇ ଯାଇଥା'ନ୍ତି। କିଡ୍‌ନାପର୍ ରାଜାକୁ ଫୋନ୍ କରି: ଆମେ ତୁମ ସ୍ତ୍ରୀକୁ କିଡ୍‌ନାପ୍ କରିନେଇଛୁ। ବିଶ୍ୱାସ ଯଦି ନ ହେଉଛି ତା'ହେଲେ ତା'ର ଆଙ୍ଗୁଠି କାଟି ପଠଉଛୁ।

ରାଜା: ମୋର ଆଦୌ ବିଶ୍ୱାସ ହଉନି। ତମେ ତା' ମୁଣ୍ଡ କାଟି ପଠାଅ। ତା'ହେଲେ ଯାଇ ବିଶ୍ୱାସ କରିବି।






# ଶାନ୍ତିପୂର୍ଣ୍ଣ ଶୈଳନିବାସ କାନାତାଲ

**କାନାତାଲ ହେଉଛି ଉତ୍ତରାଖଣ୍ଡସ୍ଥିତ ଏକ ଗାଁ। କିନ୍ତୁ ଏହି ଗାଁଟିର ପ୍ରାକୃତିକ ପରିବେଶ ଏତେ ଆକର୍ଷଣୀୟ ଯେ, ଯେଉଁଥିପାଇଁ ଏହାକୁ ଏକ ଶୈଳନିବାସର ମାନ୍ୟତା ମଧ୍ୟ ମିଳିଛି। ସମୁଦ୍ରପତ୍ତନରୁ ପ୍ରାୟ ୮୫୦୦ ଫୁଟ ଉଚ୍ଚତାରେ ଥିବା ଏହି ଶୈଳନିବାସଟିର ଶାନ୍ତ ପରିବେଶ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ସେଥିପାଇଁ ପ୍ରାୟତଃ ଏଠାରେ ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳିଥାଏ।**

ଉତ୍ତରାଖଣ୍ଡସ୍ଥିତ ଏକ ଶୈଳନିବାସ ହେଉଛି କାନାତାଲ। ପ୍ରକୃତପକ୍ଷେ ଏହା ହେଉଛି ସ୍ଥାନୀୟ ଏକ ଗାଁ। କିନ୍ତୁ ଏହାର ଆକର୍ଷଣୀୟ ପ୍ରାକୃତିକ ପରିବେଶ ହିଁ ଏହାକୁ ଶୈଳନିବାସର ପରିଚୟ ଦେଇଛି, ଆଉ ପର୍ଯ୍ୟଟକଙ୍କ ଗହଣରେ କ୍ରମେ ଏହାର ଲୋକପ୍ରିୟତା ବଢ଼ିବାରେ ଲାଗିଛି। ଶାନ୍ତ ବାତାବରଣ ଭିତରେ ଥିବା ଏହି ଶୈଳନିବାସଟି ସମୁଦ୍ରପତ୍ତନଠାରୁ ପ୍ରାୟ ୮୫୦୦ ଫୁଟ ଉଚ୍ଚରେ ଅବସ୍ଥିତ। ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ଅନେକ ଉଚ୍ଚ ଉଚ୍ଚ ପାହାଡ଼, ୱାଚ୍ ଟାୱାର୍ ତଥା କେତେକ ଆଧ୍ୟାତ୍ମିକ ପୀଠ ଇତ୍ୟାଦି।

### ନାମକରଣକୁ ନେଇ ଲୋକକଥା

କାନାତାଲର ନାମକରଣକୁ ନେଇ ଏକ ଲୋକକଥା ଏଠାରେ ଶୁଣିବାକୁ ମିଳିଥାଏ। କୁହାଯାଏ, ଆଜକୁ କିଛି ବର୍ଷ ପୂର୍ବେ ଏହି ଅଞ୍ଚଳରେ ଏକ ଛୋଟ ହ୍ରଦଟିଏ ଥିଲା। ସମୟକ୍ରମେ ଯେବେ ସେହି ହ୍ରଦର ପାଣି ଶୁଖିଗଲା, ଲୋକେ ତାହାକୁ କାନା ତାଲ କହିବାକୁ ଲାଗିଲେ। ସ୍ଥାନୀୟ ଭାଷା ଅନୁସାରେ, କାନାର ଅର୍ଥ ହେଲା ଶୁଖିଯାଇଥିବା ପୋଖରୀ ବା ହ୍ରଦ। ଆଉ ସେହି ଅନୁଯାୟୀ, ସ୍ଥାନୀୟ ଅଞ୍ଚଳଟିର ନାମ ମଧ୍ୟ କାନାତାଲ ହୋଇ ଲୋକମୁଖରେ ପରିଚିତ ହେବାକୁ ଲାଗିଲା।







### କେବେ ଓ କେମିତି ଯିବେ

କୁହାଯାଏ, କାନାତାଲର ଜଳବାୟୁ ବର୍ଷକ ବାରମାସ ପ୍ରାୟତଃ ଥଣ୍ଡା ରହିଥାଏ। ସେପ୍ଟେମ୍ବର ପରଠୁ ଏଠାରେ ଶୀତର ପ୍ରକୋପ ଟିକେ ବେଶୀ ଅନୁଭୂତ ହୋଇଥାଏ। ଆଉ ଡିସେମ୍ବର ବେଳକୁ ଏଠାରେ ତୁଷାରପାତ ହେବା ଆରମ୍ଭ ହୋଇଯାଏ, ଯାହା ପ୍ରାୟ ଜାନୁୟାରୀ ଶେଷ ପର୍ଯ୍ୟନ୍ତ ରହେ। ଏହି ସମୟ ଭିତରେ କାନାତାଲ ସମ୍ପୂର୍ଣ୍ଣ ଭାବେ ବରଫଚାଦରରେ ଢାଙ୍କି ହୋଇ ରହିଥାଏ, ଯାହା ଦେଖିବାକୁ ଖୁବ୍ ଆକର୍ଷଣୀୟ ଲାଗେ। ସେଥିପାଇଁ ଏହି ସମୟରେ ଏଠାରେ ପର୍ଯ୍ୟଟକଙ୍କର ଭଲ ଭିଡ଼ ଦେଖିବାକୁ ମିଳିଥାଏ। କିନ୍ତୁ ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, କାନାତାଲକୁ ଯିବାପାଇଁ ପ୍ରକୃଷ୍ଟ ସମୟ ହେଉଛି ମାର୍ଚ୍ଚରୁ ଜୁନ୍। କାରଣ ଏହି ସମୟରେ ଏଠାରେ ନା ବେଶୀ ଶୀତ ଅନୁଭୂତ ହେଉଥାଏ ନା ବେଶୀ ଗରମ। ବୁଲାବୁଲି କରିବାକୁ ପାଣିପାଗ ପୂରା ଉତ୍ତମ ରହିଥାଏ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଡେରାଡୁନ୍‌ରେ ଥିବା ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର। ସେହିପରି ଋଷିକେଶ ଓ ଡେରାଡୁନ୍ ହେଉଛି ଉତ୍ତରାଖଣ୍ଡର ଦୁଇ ପ୍ରମୁଖ ସହର। ଦିଲ୍ଲୀରୁ ଏହି ଦୁଇ ସହରକୁ ନିୟମିତ ବ୍ୟବଧାନରେ ଟ୍ରେନ୍ ଚଳାଚଳ କରିଥାଏ। ପର୍ଯ୍ୟଟକ ଚାହିଁଲେ ଟ୍ରେନ୍ ଯୋଗେ ଏହି ଦୁଇ ସହର ମଧ୍ୟରୁ କେଉଁଠିକି ବି ଯାଇ ସେଠାରୁ ଟ୍ୟାକ୍ସି ସାହାଯ୍ୟରେ ଆରାମରେ ଯାଇ କାନାତାଲରେ ପହଞ୍ଚିପାରିବେ। ନଚେତ୍ ସିଧାସଳଖ ଦିଲ୍ଲୀରୁ ମଧ୍ୟ ଟୁରିଷ୍ଟ ବସ୍ କାନାତାଲ ଯାଇଥାଏ। ଆଗନ୍ତୁକ ଚାହିଁଲେ ସେଥିରେ ମଧ୍ୟ ଯାଇପାରିବେ।

### କ'ଣ ଦେଖିବେ

ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ କାନାତାଲରେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଯେମିତିକି: ସୁରକଣ୍ଡା ଦେବୀ ମନ୍ଦିର, କୋଡିଆ ଜଙ୍ଗଲ, ଟେହରି ଡ୍ୟାମ୍, ଚମ୍ବା, ଧନୌଲ୍ଟି ଇକୋ ପାର୍କ, ସନ୍‌ସେଟ୍ ପଏଣ୍ଟ ଇତ୍ୟାଦି। ସେହିପରି କାନାତାଲଠାରୁ ପ୍ରାୟ ୪୦ କି.ମି ଦୂରରେ ରହିଛି ଉତ୍ତରାଖଣ୍ଡର ଅନ୍ୟତମ ଲୋକପ୍ରିୟ ଶୈଳନିବାସ ମସୌରୀ। ପର୍ଯ୍ୟଟକ ଚାହିଁଲେ ଏଠାକୁ ମଧ୍ୟ ବୁଲିଯାଇ କିଛିଟା ନିଆରା ଅନୁଭୂତି ଲାଭ କରିପାରିବେ।

### କାନାତାଲର ମୁଖ୍ୟ ଆକର୍ଷଣ

କାନାତାଲ ମୁଖ୍ୟତଃ କ୍ୟାମ୍ପିଂ ଆଉ ଟ୍ରେକିଂ ପାଇଁ ପ୍ରସିଦ୍ଧ। ତା'ଛଡ଼ା ଏଠାକୁ ଆସୁଥିବା ପର୍ଯ୍ୟଟକ ସ୍ଥାନୀୟ ଜଙ୍ଗଲ ସଫାରିର ମଜା ମଧ୍ୟ ନେଇପାରିବେ। କେବଳ ସେତିକି ନୁହେଁ, କାନାତାଲରେ ଥିବା ସନ୍‌ସେଟ୍ ପଏଣ୍ଟରେ ବସି ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଅପୂର୍ବ ଶୋଭାକୁ ବି ଉପଭୋଗ କରିପାରିବେ। ସବୁଠୁ ବଡ଼ କଥା ହେଉଛି ସହରର କୋଳାହଳଠାରୁ ଦୂରରେ ଥିବା ଏହି ଶାନ୍ତିପୂର୍ଣ୍ଣ ଶୈଳନିବାସରେ ପର୍ଯ୍ୟଟକ ମୁଖ୍ୟତଃ କିଛି ମୁହୂର୍ତ୍ତ ନିରୋଳାରେ ଛୁଟି କଟାଇ ଆନନ୍ଦ ଲଭିବାକୁ ଆସିଥାଆନ୍ତି।










# ଅସରପା ଉପରେ ପେଣ୍ଟିଂ





ଚିତ୍ରଶିଳ୍ପୀମାନେ ସୃଜନଶୀଳ ବ୍ୟକ୍ତିତ୍ୱର ଅଧିକାରୀ ହୋଇଥା'ନ୍ତି। ସେମାନେ କେଉଁଥିରେ ସୀମିତ ନ ଥାଆନ୍ତି। ତାଙ୍କ ସୃଜନଶୀଳତାର କିଛି ସୀମା ନ ଥାଏ। ସେମାନେ କାହାକୁ ବି ରଙ୍ଗ ଭାବେ ଓ ଯେକୌଣସି ଜିନିଷକୁ କାନ୍‌ଭାସ୍ ଭାବେ ବ୍ୟବହାର କରି ଆଙ୍କିପାରନ୍ତି ମନଲୋଭା ପେଣ୍ଟିଂ। ଠିକ୍ ଯେମିତି ଫିଲିପାଇନ୍ସ, ମାନିଲାର ଚିତ୍ରଶିଳ୍ପୀ ବ୍ରେଣ୍ଡା ଡେଲଗାଡୋ। ସେ ଯେଉଁ ଜିନିଷକୁ କାନ୍‌ଭାସ୍ ଭାବେ ବ୍ୟବହାର କରିଛନ୍ତି, କେହି କେବେ ସେଭଳି କାନ୍‌ଭାସ୍ ବ୍ୟବହାର କରିବା କଥା ଚିନ୍ତା କରିପାରିବେନି। କାରଣ ସେ ମଲା ଅସରପା ଉପରେ ପେଣ୍ଟିଂ କରନ୍ତି। ଅସରପାକୁ ଦେଖିଲେ କିଏ ଡରନ୍ତି ତ କିଏ ଘୃଣା କରନ୍ତି। ହେଲେ ବ୍ରେଣ୍ଡା ତାକୁ କାନଭାସ୍‌ଭାବେ ବ୍ୟବହାର କରନ୍ତି। ସେଥିରେ ସେ ପ୍ରସିଦ୍ଧ ପେଣ୍ଟିଂ ଯେମିତିକି ମୋନାଲିସା, ଷ୍ଟେରି ନାଇଟ୍, ଗର୍ଲ ଉଇଥ୍ ପର୍ଲ ଇୟରିଂର ମିନିଏଚର୍ ପେଣ୍ଟିଂ କରନ୍ତି। ଦିନେ ସେ ମଲା ଅସରପାକୁ ଝାଡୁ କରି ଫିଙ୍ଗିବାବେଳେ ଲକ୍ଷ୍ୟ କଲେ ଯେ, ଅସରପାର ଡେଣାଗୁଡ଼ିକ କେତେ ଚମକ୍‌ଦାର ଓ ମୁଲାୟମ। ତେଣୁ ସେ ତା' ଉପରେ ପେଣ୍ଟିଂ କରିବାକୁ ମନ ବଳାଇଲେ। ଆଉ ଅଏଲ୍ ପେଣ୍ଟ ବ୍ୟବହାର କରି ବେଶ୍ ନିଖୁଣଭାବେ ପେଣ୍ଟିଂ କରିବା ଆରମ୍ଭ କଲେ। ସେବେଠାରୁ ସେ ଏହି ଧାରା ବଜାୟ ରଖିଛନ୍ତି। ତାଙ୍କର ଏହି କଳାକୃତିକୁ କିଏ ପ୍ରଶଂସା କରୁଛନ୍ତି ତ ଆଉ କିଏ ନିନ୍ଦା ବି କରୁଛନ୍ତି।

## କାର୍ଟୁନ କର୍ନର



# କୁଶ ବାବାଜିଙ୍କ କୁଶଳ କଥା



ଜଣେ ସରଳ, ସାଦାସିଧା ଏବଂ ଗାଉଁଲି ବ୍ୟକ୍ତି ଥିଲେ କୁଶ ବାବା । ଗୃହୀ ବୈଷ୍ଣବ । ବୃତ୍ତିରେ ଜଣେ କୃଷକ । କିନ୍ତୁ ଜଣେ ସିଦ୍ଧ ମହାପୁରୁଷ । ସାଂସାରିକ ନାଁ ହେଉଛି କୃଷ୍ଣଚନ୍ଦ୍ର ରାୟ । କିନ୍ତୁ ଭକ୍ତମାନଙ୍କ ମୁହଁରେ ସେ କୁଶ ବା କୁଶିଆ ବାବା ନାମରେ ବିଖ୍ୟାତ । କେବେ ଚାଟଶାଳୀର ଦୁଆରମୁହଁ ମାଡ଼ି ନାହାନ୍ତି କିନ୍ତୁ ଗୀତା, ଭାଗବତ, ପୁରାଣ, ମହାଭାରତ ଆଉ ରାମାୟଣ ସବୁ ଅସ୍ଥିମଜ୍ଜାଗତ । ଏ ସବୁର ସୁନ୍ଦର ବିବେଚନା କେଡ଼େ କେଡ଼େ ଶିକ୍ଷିତ ଆଉ ପଣ୍ଡିତମାନଙ୍କୁ ବି ଆଶ୍ଚର୍ଯ୍ୟଚକିତ କରାଏ । ସବୁ ଜଟିଳ ପ୍ରଶ୍ନର ସରଳ ଏବଂ ମନମତାଣିଆ ଉତ୍ତର ତାଙ୍କ ପାଖରେ ଥାଏ । ଦିନେ ଜଣେ ଭକ୍ତ କୁଶ ବାବାଜିଙ୍କୁ ପଚାରିଲେ ଆଜ୍ଞା, ରାମଚନ୍ଦ୍ର ତ ଭଗବାନ ଥିଲେ । ତାଙ୍କ ସ୍ତ୍ରୀ ସୀତା ସତୀ ଥିଲେ କି ନ ଥିଲେ ସେ କ'ଣ ଜାଣି ପାରୁ ନ ଥିଲେ ? ସେଥିପାଇଁ ସୀତାଙ୍କୁ ସର୍ବ ସମ୍ମୁଖରେ ଅଗ୍ନି ପରୀକ୍ଷା ଦେବା ଯାଏ କଥା ଗଲା କାହିଁକି ? ବାବାଜି ହସି ହସି କହିଲେ, ତୁମେ ତ ଏଣେ ତାଙ୍କୁ ଭଗବାନ ବୋଲି କହିଲ ।



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

ତେଣେ ତାଙ୍କ କାର୍ଯ୍ୟ ଧାରାକୁ ତୁମ କଚେରିରେ କାହିଁକି ପକାଉଚ ? ଗୋଟିଏ ଧାରାରେ ଯାଅ । ରାମଙ୍କୁ ଭଗବାନ ବୋଲି ଭାବ ନଚେତ୍ ଜଣେ ମନୁଷ୍ୟ ବୋଲି ଭାବ । ତାଙ୍କୁ ଭଗବାନ ବୋଲି ଭାବିବ କିନ୍ତୁ ତାଙ୍କ କାର୍ଯ୍ୟଶୈଳୀକୁ ମାନବର ବୁଦ୍ଧିରେ ତଉଲିବ, ଏହା କିପରି କଥା ? ସୀତା ଲଙ୍କାରେ ଥିଲେ ବି ତାଙ୍କ ମନ ସଦାସର୍ବଦା ଶ୍ରୀରାମଙ୍କ ଚରଣ କମଳରେ ଥିଲା । ସେ ଥିଲେ ସତୀ । ତାଙ୍କର ସତୀତ୍ୱକୁ ଅନ୍ୟ ଚରିତ୍ରହୀନା ନାରୀମାନେ କିପରି ବିଶ୍ୱାସକୁ ନେବେ ? ଅନ୍ୟପକ୍ଷରେ କିନ୍ତୁ ଯିଏ ପ୍ରକୃତରେ ରାଜା ସେ ତା' ରାଜ୍ୟର ସବୁ ବର୍ଗର ପ୍ରଜାଙ୍କୁ ସନ୍ତୁଷ୍ଟ କରି ରଖିବାର ଦକ୍ଷତା ଥିବା ଦରକାର । ତେଣୁ ଯେତେବେଳେ କତିପୟ ପ୍ରଜା ସୀତାଙ୍କ ସତୀତ୍ୱ ଉପରେ ସନ୍ଦେହ ପ୍ରକଟ କଲେ, ସେତେବେଳେ ରାଜା ହିସାବରେ ତାଙ୍କ କଥା ବୁଝିବା ବି ରାମଙ୍କର କର୍ତ୍ତବ୍ୟ । ରାମ ଅବତାର ନେଇ କାହିଁକି ଆସିଥିଲେ ? ତାଙ୍କ ଅବତାର ନେବାର ଲକ୍ଷ୍ୟ ଥିଲା କେବଳ ମଣିଷ ପ୍ରକୃତିର ମର୍ଯ୍ୟାଦାକୁ ପ୍ରତିଷ୍ଠା କରିବା– ଯାହା ସତ୍ୟ ତାହାକୁ ପ୍ରତିଷ୍ଠା କରିବା । ସୀତା ତ ସତୀ ଥିଲେ । ଏକଥା ଶ୍ରୀରାମଙ୍କୁ ଯେତେ ଜଣାଥିଲେ ବି ରାଜା ହିସାବରେ ଜନସମୁଦାୟଙ୍କ ଆଗରେ ଉକ୍ତ ସତ୍ୟକୁ ପ୍ରତିଷ୍ଠା କରାଇବା ହିଁ ରାଜାର ପରମ ଧର୍ମ । ସେଥିପାଇଁ ସେ ସୀତାଙ୍କର ଅଗ୍ନି ପରୀକ୍ଷା ନେଇଥିଲେ ।

ଦିନେ ଆଉ ଜଣେ ଶିଷ୍ୟ ତାଙ୍କୁ ପ୍ରଶ୍ନ କଲେ – ଆପଣ ଆମକୁ ସବୁବେଳେ କୁହନ୍ତି ଯେ, ପର ଝିଅ ବା ସ୍ତ୍ରୀଙ୍କ ଉପରେ କୁଦୃଷ୍ଟି ପକାଇବ ନାହିଁ । ପର ସ୍ତ୍ରୀ ହରଣ ମହାପାପ । ହେଲେ ଶ୍ରୀକୃଷ୍ଣ ମହାପ୍ରଭୁ ହୋଇ ସେ କେମିତି ଷୋଳ ହଜାର ସ୍ତ୍ରୀଙ୍କୁ ବାହା ହୋଇଥିଲେ ? ସେମାନଙ୍କ ଛଡ଼ା ଆଉ ଆଠ ଜଣ ବି ଥିଲେ । ଏମିତି ହେଲେ ଆଜିକାର ଟୋକାଟାକେଳିଆମାନେ କ'ଣ ଶିଖିବେ ?

କୁଶ ବାବାଜି କହିଲେ, ଆଚ୍ଛା ଏମିତି କଥା । କୃଷ୍ଣ ସାତଦିନ କାଳ ଗିରି ଗୋବର୍ଦ୍ଧନ ପର୍ବତକୁ ନିଜ କାଣି ଆଙ୍ଗୁଠିରେ ରଖିଥିଲେ । ତୁମେ ଗୋଟିଏ ସେକେଣ୍ଡ ପାଇଁ ରଖିବଟି ଦେଖି ? ତା' ପରେ ରହିଲା ବିବାହ କଥା । ତୁମେମାନେ ଗୋଟିଏ ଗୋଟିଏ ସ୍ତ୍ରୀକୁ ଚଳେଇ ପାରୁନ ଯେ କଥା ଯାଇ ଗାଁ ସଭା ବା କୋର୍ଟ କଚେରିରେ ପହଞ୍ଚୁଛି । ଭଗବାନ ଶ୍ରୀକୃଷ୍ଣଙ୍କ ବିରୋଧରେ ତାଙ୍କର କୌଣସି ସ୍ତ୍ରୀ ଆସି ତୁମମାନଙ୍କ ପାଖରେ ବା କାହା ପାଖରେ କେବେ ଅଭିଯୋଗ କରିଛନ୍ତି କି ? ଯଦି ନୁହେଁ, ତେବେ ତୁମମାନଙ୍କର ଏତେ ଚିନ୍ତା କାହିଁକି ? ଗୋଟିଏ ଲୋକ ଯଦି ତା'ର ଷୋଳ ହଜାର ଶହେ ଆଠ ସ୍ତ୍ରୀକୁ ଭଲରେ ରଖି ପାରିଲା ତେବେ ଏହା କ'ଣ ଏକ ଅଲୌକିକତା ନୁହେଁ ? ଶିଷ୍ୟଟିର ମୁହଁ ଚୁପ ।

କୁଶ ବାବାଜି ଜଣେ ସିଦ୍ଧ ଯୋଗୀ ଥିଲେ । ଶୂନ୍ୟରୁ ଗରମ ମହାପ୍ରସାଦ ସୃଷ୍ଟି କରି ଭକ୍ତ ମାନଙ୍କୁ ଦେବା, ଗାଁରେ ହଇଜା ଲାଗିଲେ ବାଡ଼ି ଖଣ୍ଡେ ଧରି ସେ ଗାଁରେ ପହଞ୍ଚିବା ଏବଂ ଫେରିବା ପରେ ରାଣ ଦେବା ପରି ହଇଜା ବନ୍ଦ ହେବା, ଆଗନ୍ତୁକଙ୍କ ମନକଥା ଜାଣି ପାରିବା, ବହୁ ଦୁରାରୋଗ୍ୟ ବ୍ୟାଧିକୁ ଭଲ କରିବା, ଦୁଃଖୀ ଦରିଦ୍ର, ନିରାଶ୍ରୟ ଏବଂ କୁଷ୍ଠ ରୋଗୀଙ୍କୁ ମଠରେ ରଖି ସେମାନଙ୍କର ସେବା କରିବା, ବନ୍ୟା ବାତ୍ୟାରେ ଗାଁ ଗାଁ ବୁଲି ଚୁଡା ଚାଉଳ ବାଣ୍ଟିବା ଆଦି ବହୁ ଜନ ମଙ୍ଗଳକର କାର୍ଯ୍ୟ ସେ କରିଛନ୍ତି । ତାଙ୍କ ଭକ୍ତମାନଙ୍କ ମତରେ ବାବାଜିଙ୍କୁ ପଞ୍ଚଭୂତଙ୍କ ସାଧନା ଜଣାଥିଲା । ଦିନେ ତାଙ୍କ ମଠ ପାଖକୁ ବନ୍ୟା ପାଣି ଖୁବ ଜୋର୍‌ରେ ମାଡି ଆସୁଥିଲା । ମାଟିଝାଟି ଘେରା ଚାଳ ଛପର ଘରେ ଥିବା ଭକ୍ତ ମାନେ ' ବାବା ବଞ୍ଚାଅ' ବୋଲି ଚିତ୍କାର କରିବାରୁ କୁଶ ବାବା ତତ୍‌କ୍ଷଣାତ ଗୋଟିଏ ଲମ୍ବା କୁଟାକୁ ଭୂଇଁ ଉପରେ ରଖି ନିଜେ ଲମ୍ବ ହୋଇ ତଳେ ପଡ଼ି ଯାଇ ପ୍ରାର୍ଥନା କଲେ ହେ ଗଙ୍ଗା ମାତା ! ଆଉ ଆଗକୁ ଆସନା । ଆମ ଅପରାଧ କ୍ଷମା କର । ସେଦିନ ବହୁ ଭକ୍ତ ଦେଖିଛନ୍ତି ବନ୍ୟା ପାଣି ଆସି କୁଶ ବାବା ଯେଉଁଠି ଥିଲେ ତାଙ୍କୁ ସ୍ପର୍ଶ କରି ପୁଣି ପଛକୁ ହଟି ଯାଇଥିଲା । ସେହିଭଳି ଆଉ ଏକ ଘଟଣା ବି ଘଟିଥିଲା । ମଠ ନିକଟସ୍ଥ ଏକ ଗାଁ ର ଗୋଟିଏ ଘରେ ନିଆଁ ଲାଗିଗଲା । ନିଆଁ ପ୍ରବଳ ବେଗରେ ଆଗକୁ ବଢୁଥିବା ବେଳେ କୁଶ ବାବା ହଠାତ ପହଞ୍ଚି ନଡ଼ିଆଟିଏ ଭୂଇଁରେ ବାଡ଼େଇ ତା'ର ପାଣିକୁ ନିଆଁ ଉପରକୁ ଛିଞ୍ଚି ଦେଇ ଭୂଇଁ ଉପରେ ଲମ୍ବ ହୋଇ ପଡି ପ୍ରାର୍ଥନା କଲେ ହେ ଅଗ୍ନି ଦେବତା ! ଆପଣଙ୍କ କୋପ ଶାନ୍ତ କରନ୍ତୁ । ଆଶ୍ଚର୍ଯ୍ୟ ! ଏତିକି କଥାରେ ପ୍ରବଳକାୟ ଅଗ୍ନି ତୁରନ୍ତ ନିର୍ବାପିତ ହୋଇଗଲେ ।

କୁଶ ବାବା ତାଙ୍କ ଜୀବନରେ ବହୁ ରୋଗୀଙ୍କୁ ଅଲୌକିକ ଉପାୟରେ ଆରୋଗ୍ୟ କରାଇଛନ୍ତି । ଦିନେ ଜଣେ ମା ତା'ର ଏକ ଭେଣ୍ଡିଆ ପୁଅକୁ ଧରି ଆସି କୁଶ ବାବାଙ୍କ ମଠରେ ପହଞ୍ଚିଲା । ପୁଅଟି ପାଗଳ । କେତେ ଡାକ୍ତର ବଇଦ, ଗୁଣୀଗୁଣିରେ ଉପଚାର ହେଲାଣି । ଫଳ ଶୂନ୍ୟ । ହେ ବାବା ! ଆପଣ ଏ ପୁଅଟିକୁ ବଞ୍ଚାନ୍ତୁ ବୋଲି କହି ମା' ଜଣକ ବାବାଙ୍କ ପାଦ ତଳେ ଲମ୍ବ ହୋଇ ପଡ଼ିଗଲେ । ବାବା କିଛି ସମୟ ଚୁପ ରହି ନିକଟରେ ରଖା ହୋଇଥିବା ଏକ ବାଡ଼ିରେ ପିଲାଟିକୁ ଗୋଟିଏ ଶକ୍ତ ପ୍ରହାର ଦେଲେ । ପିଲାଟି ମାଡ଼ ଖାଇ ମଠ ସାରା ଇଲୋ ବୋପାଲୋ ବୋଉଲୋ ହୋଇ ଦୌଡ଼ିଲା । ବାବା ବି ତା' ପଛେ ପଛେ ବାଡ଼ି ଧରି ପ୍ରହାର ଉପରେ ପ୍ରହାର କଷି ଦେଉଥାନ୍ତି । କିଛି ସମୟ ଏମିତି ଧାଁ ଦୌଡ଼ ପରେ ପିଲାଟି ଅଚେତ ହୋଇପଡ଼ିଗଲା । କିଛି ସମୟ ପରେ ଉଠି ଭଲ ମଣିଷଙ୍କ ପରି କଥାବାର୍ତ୍ତା କଲା ।


ଏହି ଗୃହୀ ସନ୍ଥ କୁଶ ବାବାଙ୍କ କଥା ଓ ଗାଥା କହି ବସିଲେ ଶେଷ ହେବନି । ତାଙ୍କ ସାଧନା ଏବଂ ସିଦ୍ଧିର ମହକ କେବଳ ଓଡ଼ିଶା ନୁହେଁ, ଓଡ଼ିଶା ବାହାରେ ଦେଶ ବିଦେଶରେ ଯାଇ ଏକଦା ପହଞ୍ଚି ଥିଲା । ଏବେ ବି ବାବାଙ୍କର ବହୁ ଅନୁଗାମୀ ଅଛନ୍ତି । ନିଜ ମୃତ୍ୟୁର ସୂଚନା ବି ବାବା ବହୁ ପୂର୍ବରୁ ଜଣାଇଥିଲେ । ମୃତ୍ୟୁ ପୂର୍ବରୁ କିଛି ଦିନ ଯୋଗ ସମାଧିରେ ରହି ୧୯୬୫ ମସିହା ନଭେମ୍ବର କୋଡିଏ ତାରିଖ ଦିବା ଦୁଇ ଘଣ୍ଟା ସମୟରେ ଦେହ ତ୍ୟାଗ କରିଥିଲେ । ହଁ, ଏତେ କଥାବାର୍ତ୍ତା ଭିତରେ ମୁଁ ବାବାଙ୍କ ମଠର ଅବସ୍ଥିତି ବାବଦରେ କହିବାକୁ ଭୁଲିଯାଇଛି । କଟକ ଜିଲା ନିଆଳିଠାରୁ ପ୍ରାୟ ଛ ସାତ କିମି ଦୂର ଅଲଣା ପଞ୍ଚାୟତ ଅନ୍ତର୍ଗତ ବଗଲ ଗାଁ ରେ ବାବାଙ୍କ ମଠ । ମଠର ଆଉ ଏକ ବିଶେଷତ୍ୱ ହେଉଛି ମହୋତ୍ସବ ବେଳେ ପ୍ରସ୍ତୁତ ହେଉଥିବା ଡାଲମାରେ ଆଳୁ, ସାରୁ, ଓଉ, କଖାରୁ, ପୋଟଳ ଆଦି ସବୁ ପନିପରିବା ଗୋଟା ପଡି ତରକାରି ହୁଏ । ଆଜି ମହାପୁରୁଷ ଶ୍ରୀମଦ୍ କୁଶ ବାବାଙ୍କ କଥା ଶ୍ରୀ ସନ୍ନ୍ୟାସୀର ମନେପଡ଼ିବାର କାରଣ ହେଉଛି ମାଳିକା ଉପରେ ଥିବା ତାଙ୍କ ବିଚାର । ଏଇ ଦୁଇ ବର୍ଷ ହେଲା କରୋନା ଓ ଓମିକ୍ରନ୍ ଯୋଗୁ ବିଭିନ୍ନ ଗଣମାଧମରେ ଯୁଗ ଧ୍ୱଂସ ହେବାର ଯେଉଁ ପ୍ରଚାର ତୁହାକୁ ତୁହା ହେଉଛି, ଏ ପ୍ରଚାର ବାବା ନିଜେ ଥିବା ବେଳେ ଅର୍ଥାତ୍ ଷାଠିଏ ବର୍ଷ ତଳେ ବି ସେମିତି ହଉଥିଲା ।

ବାବା ତା'ର ଉତ୍ତର ଦେବାକୁ ଯାଇ କହୁଥିଲେ – ଯେତେବେଳେ ଯାହା ହେବା କଥା ହେବ । ସେ ସବୁ ବାବଦରେ ମୁଣ୍ଡ ନ ଖେଳାଇ ନିଜ କର୍ମ ଆଉ ଧର୍ମକୁ ଠିକ କର । ମାଳିକା ଶୁଣି ଭୟଭୀତ ହୁଅନା । ଈଶ୍ୱରଙ୍କ ପାଖେ ଶରଣ ପଶ । ସବୁ ବିପଦ ଦୂରେଇ ଯିବ । ଭାବୁଚି, ଆଜିକାର ଏ ଦୁଃସ୍ଥିତିରେ ଭ୍ରଷ୍ଟ ମଣିଷ ବାବାଙ୍କର ଏ ବାଣୀକୁ ଟିକେ କାନରେ ପୂରାଇବ ।

*–ଦିବ୍ୟାଲୋକ ସନ୍ଧାନେ, ରାମନଗର, ତେଲେଙ୍ଗାପେଣ୍ଠ, କଟକ*
*ମୋ:୯୪୩୭୨୯୨୬୯୯*


## ପୁସ୍ତକ ସମୀକ୍ଷା

### ଋତୁ ବର୍ଣ୍ଣା
**ଏବଂ ଅନ୍ୟାନ୍ୟ କବିତା**
**ଲେଖକ–ଡକ୍ଟର ଅଶୋକ କୁମାର ମହାପାତ୍ର**
**ପ୍ରକାଶକ– ଏଥେନା ବୁକ୍‌ସ, ଭୁବନେଶ୍ୱର**
**ମୂଲ୍ୟ–୧୫୦ ଟଙ୍କା ।**




ଋତୁ ବର୍ଣ୍ଣା ଏବଂ ଅନ୍ୟାନ୍ୟ କବିତା ପୁସ୍ତକର ଲେଖକ ଡକ୍ଟର ଅଶୋକ କୁମାର ମହାପାତ୍ର । ଏଥିରେ ୫୦ଟି କବିତା ସ୍ଥାନ ପାଇଛି । ପ୍ରଥମ କବିତା 'ଋତୁ ବର୍ଣ୍ଣା' ନାମ ଅନୁସାରେ ବହିର ନାମକରଣ କରାଯାଇଛି । ଏଥିରେ କବି ଚପଳା ଚମକ/ଆଖିରେ ଖେଳାଇ/ରୂପ ସାଗରରେ ଦିହୁଡି ଜଳାଇ/ମନରେ ସପନ/ପସରା ମେଲାଇ/ଆସିଅଛ କାହିଁ ପାଇଁ/ଭାଷ ଗୋ ମଧୁଛନ୍ଦା/କିଏ ତୁମେ/ କିଏ ତୁମେ ନିଶିଗନ୍ଧା । କବିଙ୍କର ଏହା ଏକ ଚମତ୍କାର ଭାବ ଆଉ ଭାବନାର ପ୍ରତିଫଳନ । ଲେଖକ ବୃତ୍ତିରେ ଜଣେ ଡାକ୍ତର ହୋଇଥିଲେ ମଧ୍ୟ ତାଙ୍କର ଭାରତୀୟ ସଂସ୍କୃତି, ସଭ୍ୟତା, ଇତିହାସ, ଆଧାତ୍ମ ଆଦି ଅନେକ କ୍ଷେତ୍ରରେ ଗଭୀର ପ୍ରବେଶ ରହିଛି । ଆଶା ତାଙ୍କର ଏହି ପୁସ୍ତକଟି ପାଠକଙ୍କୁ ପ୍ରେରଣା ଯୋଗାଇବା ସହ ଆହ୍ଲାଦିତ କରିବ, ଏଥିରେ ସନ୍ଦେହ ନାହିଁ ।

### ଭାବଭୂମିର ଅମୃତାଲୋକ
**ଅନୁବାଦ–ଡ. ଧରଣୀଧର ପାଣିଗ୍ରାହୀ**
**ପ୍ରକାଶକ–ଜ୍ଞାନଯୁଗ ପବ୍ଲିକେଶନ୍, ଭୁବନେଶ୍ୱର**
**ମୂଲ୍ୟ–୫୦୦ଟଙ୍କା**




ଭାବଭୂମିର ଅମୃତାଲୋକ ପୁସ୍ତକର ଭାଷାନ୍ତର କରିଛନ୍ତି ଡ. ଧରଣୀଧର ପାଣିଗ୍ରାହୀ । ଏହାର ମୂଳ ଲେଖକ ହେଉଛନ୍ତି ଦିଲୀପ କୁମାର ରାୟ । ପୁସ୍ତକରେ ୫ଜଣ ମନୀଷୀଙ୍କ ଉପରେ ଆଲୋଚନା କରାଯାଇଛି । ଏଥିରେ ରୋମାରୋଲାଂ, ମହାତ୍ମା ଗାନ୍ଧୀ, ବଟ୍ରାଣ୍ଡରସେଲ, ରବୀନ୍ଦ୍ର ନାଥ ଟାଗୋର ଓ ଶ୍ରୀ ଅରବିନ୍ଦଙ୍କ କୃତୀ ବିଷୟରେ ଆଲୋଚନା କରାଯାଇଛି । ଶ୍ରୀ ଅରବିନ୍ଦ ଆଶ୍ରମ ପଣ୍ଡିଚେରୀର ଦିଲୀପ କୁମାର ରାୟ ଏହି ପୁସ୍ତକରେ ଉପରୋକ୍ତ ୫ଜଣ ବିଖ୍ୟାତ ବ୍ୟକ୍ତିଙ୍କ ସହ ତାଙ୍କ କଥୋପକଥନ ଓ ପତ୍ର ବିନିମୟକୁ ଏକତ୍ର ଲିପିବଦ୍ଧ କରିଛନ୍ତି । ପୁସ୍ତକରେ ଯେଉଁ ସୁନିର୍ବାଚିତ ମନୀଷୀମାନଙ୍କ ସୁଚିନ୍ତିତ ପ୍ରତ୍ୟୟର ଅବତାରଣା କରାଯାଇଛି, ସେମାନେ ସମସ୍ତେ ଗଭୀର ବିନମ୍ରତା ଓ ପ୍ରଗାଢ଼ ଅନ୍ତର୍ଦୃଷ୍ଟିସମ୍ପନ୍ନ ମଣିଷ । ଆଶା ପୁସ୍ତକଟି ନିଶ୍ଚୟ ପାଠକଙ୍କୁ ବାନ୍ଧି ରଖିବ, ସନ୍ଦେହ ନାହିଁ ।

### ହେ ସାରଥି! ରଥ ନିଅ ବାହି
**ଲେଖିକା– ଡ.ରୁକ୍ମିଣୀ ସାହୁ**
**ପ୍ରକାଶକ–କାବ୍ୟଲୋକ, ଭୁବନେଶ୍ୱର**
**ମୂଲ୍ୟ–୧୬୦ ଟଙ୍କା**




ହେ ସାରଥି! ରଥ ନିଅ ବାହି କବିତା ପୁସ୍ତକର ଲେଖିକା ଡ.ରୁକ୍ମିଣୀ ସାହୁ । ଏଥିରେ ୬୧ଟି କବିତା ସ୍ଥାନ ପାଇଛି । ଶେଷ କବିତାର ନାମ ଅନୁସାରେ ଲେଖିକା ପୁସ୍ତକର ନାମକରଣ କରିଛନ୍ତି । କବିତାରେ ତୁମରି ସ୍ମୃତିକୁ ସ୍ମରୁଛି ଆଜି/ମହାକାଳ ମଥା ନଇଁ/ଧନ୍ୟ ତା' ଜୀବନ ସଳିତାର ସମ/ଆଲୋକ ନେଇ ଯେ ଜଳି ଜଳି ଯାଏ/ଦେଶ ଜାତି ହିତ ମା' ମାଟି ଯଶ ପାଇଁ । ଏଥିରେ ଦେଶ, ଜାତି, ମା' ଓ ମାଟି ପାଇଁ ନିଜ ଜୀବନକୁ କିଭଳି ଦୀପକୁମାରୀ ଉତ୍ସର୍ଗ କରିଛି ତା'ର ଏକ ଚମତ୍କାର ଉଦାହରଣ କବିତା ମାଧ୍ୟମରେ ଲେଖିକା ଦେଇଛନ୍ତି । ସେହିଭଳି ଆଉ ଏକ କବିତାକୁ ଏଠି ନେବା ବର୍ଷା ଆଜି ନାଚୁଥିଲା ଗାଁ ଗୋହିରିର/କିଆବୁଦା ଧାନ ତଳିପକା/କୃଷକର ବିଲ ଅଗଣାରେ/କେଉଁ ଅନୁଢ଼ା କିଶୋରୀର/ଜଡ଼ା ଖୋଲା, ଅସଜଡ଼ା ରେଶମୀ ବାଳରେ । ଏଥିରେ ଲେଖିକା ବର୍ଷାଭିଜା ଗାଁ ଗୋହିର, କୃଷକ ଏବଂ ନଈତୁଠ କଥା କହିଛନ୍ତି, ଯାହା ହଜିଯାଉଥିବା ସଭ୍ୟତାର ଚିତ୍ର ଏଠାରେ ଉପସ୍ଥାପନ କରିଛନ୍ତି ।


ବ୍ୟାକ୍ ପେଜ୍







# ସୌନ୍ଦର୍ଯ୍ୟ ପାଇଁ





ଇଥିଓପିଆରେ ଅଛନ୍ତି ସୁରୀ ନାମକ ଏକ ଆଦିବାସୀ ଜନଜାତି। ଏମାନେ ବାହ୍ୟ ଜଗତଠାରୁ ଦୂରେଇ ରୁହନ୍ତି। ହେଲେ ଆଜିକାଲି ନିଜର ଜୀବନ ଜୀବିକା ପାଇଁ ସେମାନେ ପର୍ଯ୍ୟଟକଙ୍କୁ ନିଜ ନିକଟତର ହେବାକୁ ଅନୁମତି ଦେଇଛନ୍ତି। ଫଳରେ ଏହି ଜନଜାତି ସମ୍ପର୍କିତ ଅନେକ ତଥ୍ୟ ସାମ୍ନାକୁ ଆସିଛି। ଏହି ଜନଜାତିରେ ମହିଳାଙ୍କୁ ବହୁତ ସ୍ୱାଧୀନତା ଦିଆଯାଇଥାଏ। ଏମାନେ ନିଜ ଜୀବନସାଥୀ ନିଜେ ବାଛିପାରିବାର ସ୍ୱାଧିନତା ଅଛି। ତାସହ ନିଜ ଇଚ୍ଛା ମୁତାବକ ସମ୍ପର୍କ ଭାଙ୍ଗି ମଧ୍ୟ ପାରିବେ। ଏହି ମହିଳାମାନେ ନିଜର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ଫୁଲ ପତ୍ରକୁ ଗହଣାଭାବେ ବ୍ୟବହାର କରନ୍ତି। ତା'ସହ ଚେହେରାରେ ଧଳା, ହଳଦିଆ, ନାରଙ୍ଗି ପେଣ୍ଟ ଲଗାଇ ତା'ଉପରେ ବିନ୍ଦି ଭଳି ଛୋଟ ଛୋଟ ଗୋଲାକାର ଫେସ୍‌ପେଣ୍ଟିଂ କରନ୍ତି। ସୁରୀ ମହିଳାମାନେ ଫୁଲ ଓ ପତ୍ର ଦ୍ୱାରା ସଜାଇ ହୋଇ ସମସ୍ତଙ୍କ ଧ୍ୟାନ ଆକର୍ଷିତ କରିଥାଆନ୍ତି। ଏହାଦ୍ୱାରା ସେମାନେ ବହୁତ ସୁନ୍ଦର ଦେଖାଯାଇଥା'ନ୍ତି। ଆଉ ଏକ କଥା ଏହି ଜନଜାତିରେ ଚଉଡା ଓଠ ଥିବା ମହିଳାଙ୍କୁ ଅଧିକ ସୁନ୍ଦର ବୋଲି ଧରାଯାଏ। ତେଣୁ ଝିଅ ଟିକେ ବଡ଼ ହେବାମାତ୍ରେ ଝିଅଙ୍କର ତଳତଦାନ୍ତରୁ ଦୁଇଟି ଭାଙ୍ଗି ଦିଆଯାଏ। ଆଉ ତଳ ଓଠକୁ କାଟି ତା' ମଧ୍ୟରେ ମାଟି କିମ୍ୱା କାଠର ଗୋଲାକାର ଡିସ୍କ ବା ପ୍ଲେଟ୍ ରଖି ଦିଆଯାଏ। ମାଟି ପ୍ଲେଟ୍ ଯେତେ ବଡ଼ ସେ ଝିଅ ସେତେ ସୁନ୍ଦର ଧରାଯାଏ। ଓଠ ପ୍ଲେଟ୍‌ର ସାଇଜ୍ ଅନୁସାରେ ଝିଅବାପା ପୁଅ ଘରକୁ ଯୌତୁକ ମାଗିଥା'ନ୍ତି। ଛୋଟ ପ୍ଲେଟ୍ ହୋଇଥିଲେ ଝିଅବାପା ୪୦ଟି ଗାଈ ମାଗନ୍ତି ଓ ଓଠର ପ୍ଲେଟ୍ ବଡ଼ ହୋଇଥିଲେ ୬୦ଟି ଗାଈ ମାଗନ୍ତି। ଏହା ଅଜବ ଲାଗିଲେ ବି କାଳ କାଳ ଧରି ଏହି ପ୍ରଥା ଏଠାରେ ଚାଲିଆସିଛି। ସୁରୀ ଜନଜାତିର ଲୋକେ ପ୍ରାଣୀ ଚରାଇବା କାମ କରନ୍ତି। ଏମାନେ ସୁରମା ନାମରେ ବି ପରିଚିତ।



# ହେୟାର୍ ବଲ୍

ବଲ୍ ବିଭିନ୍ନ ପ୍ରକାରର ଦେଖିଥିବେ। ଆଉ ଖେଳିଥିବେ ବି। ହେଲେ ଆମେ ଏଠାରେ ଯେଉଁ ବଲ୍ କଥା କହୁଛୁ, ସେମିତି ବଲ୍ କେହି ହୁଏତ ଦେଖି ନ ଥିବେ। କାରଣ ଏ ବଲ୍ ମଣିଷ କେଶରେ ତିଆରି। ଆଉ ଏହା ଏତେ ବଡ଼ ଯେ, ତାକୁ ହାତରେ ଧରି ହେବନି। ଜେସିବି ଦରକାର ତାକୁ ଉଠାଇବା ପାଇଁ। କାରଣ ଏ ହେଉଛି ପୃଥିବୀର ସବୁଠାରୁ ବଡ଼ ହେୟାର୍ ବଲ। ଓହିଓର ହେୟାର୍ ଷ୍ଟାଇଲିଷ୍ଟ ଷ୍ଟିଭ ୱାର୍ଡେନଙ୍କୁ ୯ ବର୍ଷ ଲାଗିଥିଲା ଏହାକୁ ତିଆରି କରିବା ପାଇଁ। ଏଥିରେ ସେ ପ୍ରତିଦିନ କାଟୁଥିବା ଗ୍ରାହକଙ୍କ କେଶ ବ୍ୟବହାର କରିଥିଲେ। ଷ୍ଟିଭ୍‌ଙ୍କର ଓହିଓରେ ବ୍ଲକର୍ସ ନାମକ ଏକ ସାଲୋନ୍ ଅଛି। ତାଙ୍କର ୪ ସନ୍ତାନ ତାଙ୍କୁ ଏହି ହେୟାର୍ ବଲ୍ ତିଆରି କରିବାକୁ ବହୁଦିନ ଧରି କହି ଆସୁଥିଲେ। ଶେଷରେ ୨୦୧୩ରେ ସେ ଏହାକୁ ତିଆରି କରିବାକୁ ନିଷ୍ପତ୍ତି ନେଲେ। ଆଉ ଗ୍ରାହକଙ୍କ କେଶ ସଂଗ୍ରହ କରି ବଲ୍ ତିଆରି କରିବା ଆରମ୍ଭ କଲେ। କେଶଗୁଡ଼ିକୁ ଅଠାରେ ଲଗାଇ ବଲ୍ ଆକାର ଦେବାକୁ ଲାଗିଲେ। ଏମିତିଭାବେ କରି କରି ୨୦୧୮ ବେଳକୁ ତାହା ଏକ ବିରାଟକାୟ ବଲ୍‌ର ରୂପ ନେଲା। ଆଉ 'ରିପ୍‌ଲୀସ୍ ବିଲିଭ୍ ଇଟ୍ ଅର୍ ନଟ୍' ଶୋ'ରେ ସେ ଏହାକୁ ପ୍ରଦର୍ଶିତ କଲେ। ଏହି ବଲ୍‌କୁ ପୃଥିବୀର ସବୁଠାରୁ ବଡ଼ ହେୟାର୍ ବଲ୍‌ର ମାନ୍ୟତା ବି ମିଳିଲା।

# ମଣିଷଠୁ ବଡ଼ ଟେବୁଲ ଟେନିସ୍ ବ୍ୟାଟ୍

ଟେବୁଲ ଟେନିସ୍ ଏକ ଇନ୍‌ଡୋର୍ ଗେମ୍ ଏକଥା ସମସ୍ତେ ଜାଣନ୍ତି। ୨ ଜଣ ଅବା ୪ ଜଣ ହାତରେ ଛୋଟ ଛୋଟ ବ୍ୟାଟ୍ ଓ ଏକ କୁନି ବଲ୍ ସାହାଯ୍ୟରେ ଏହି ଖେଳ ଖେଳନ୍ତି। ଏହାର ବ୍ୟାଟ ବହୁତ ଛୋଟ ତଥା ଏକ ହାତପଙ୍ଖା ଭଳି ହୋଇଥାଏ। ହେଲେ ଜାଣନ୍ତି କି ରେକର୍ଡ କରିବା ପାଇଁ ଏତେ ବଡ଼ ଆକାରର ଟେବୁଲ୍ ଟେନିସ୍ ବ୍ୟାଟ୍ ତିଆରି କରାଯାଇଛି ଯେ, ତାକୁ ଧରି ଖେଳିବା କଷ୍ଟକର। ଏହା ସାଧାରଣ ମଣିଷଠୁ ବି ବଡ଼। ଏହାର ଲମ୍ୱ ୧୧ ଫୁଟ ୭.୮ ଇଞ୍ଚ ହେଇଥିବାବେଳେ ଓସାର ୬ ଫୁଟ୍ ୭.୮ ଇଞ୍ଚ। ଆମେରିକାର ରାଇଜ୍ ବ୍ରାଣ୍ଡ ଏହାକୁ ୨୦୧୭ରେ ତିଆରି କରିଥିଲା। ଆଉ ଏହା ପୃଥିବୀର ସବୁଠାରୁ ବଡ଼ ଟେବୁଲ ଟେନିସ୍ ବ୍ୟାଟ୍ ଭାବେ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲା।

